## ମହିଳାଙ୍କୁ ଅପହରଣ ଅଭିଯୋଗ

ଭୁବନେଶ୍ୱର,(ବ୍ୟୁରୋ): ଜଣେ ମହିଳାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ସ୍ୱାମୀ ଝାଡ଼ଖଣ୍ଡ କମଡୁଙ୍ଗି ଥାନା ଖଣ୍ଡକରା ଗ୍ରାମର ମହେନ୍ଦ୍ର ସିଂ ସୋମବାର ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ମହେନ୍ଦ୍ର ଭୁବନେଶ୍ୱର ଖଣ୍ଡଗିରି ଫୁଲସରି ବସ୍ତିରେ ପରିବାର ସହ ରୁହନ୍ତି। ଗତ ମାର୍ଚ୍ଚ ୨୬ରେ ତାଙ୍କ ସ୍ତ୍ରୀ ସୁଶିଳାଙ୍କୁ ତାଙ୍କ ବାଘଘର ମୟୂରଭଞ୍ଜ ପଣଦାକୁ ଯିବା ପାଇଁ ରସୁଲଗଡ଼ ଛକରେ ଏକ ଘରୋଇ ବସରେ ବସାଇଥିଲେ। ହେଲେ ସେ ଘରେ ନ ପହଞ୍ଚିବାରୁ ଖୋଜାଖୋଜି ଆରମ୍ଭ କରିଥିଲେ। ଏପ୍ରିଲ ୩ରେ ଏକ ଅଜଣା ମୋବାଇଲ ନମ୍ବରରୁ ସୁଶିଳା ଫୋନ କରି ଉଦ୍ଧାର କରିବାକୁ କାନ୍ଦି କାନ୍ଦି କହିଥିଲେ। ଏହାପରେ ଉକ୍ତ ନମ୍ବରଟିକୁ ଆଉ ଯୋଗାଯୋଗ ହୋଇପାରି ନ ଥିଲା। ସ୍ତ୍ରୀଙ୍କୁ ଉଦ୍ଧାର ପାଇଁ ସେ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ବିଏମ୍‌ସିର କରୋନା ମୁକାବିଲା
## ସହରରେ ପର୍ଯ୍ୟାପ୍ତ କୋଭିଡ୍ ବେଡ୍ ରହିଛି

ଭୁବନେଶ୍ୱର, ୨୬।୪ (ବ୍ୟୁରୋ): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମୁକାବିଲା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଣ୍ଟା ଭିଡିଛି। ବିଭିନ୍ନ ହସ୍ପିଟାଲରେ ବେଡ୍ ସଂଖ୍ୟା ବୃଦ୍ଧି କରାଯାଉଛି। ପୂର୍ବରୁ ସମ୍, ବ୍ଲୁହ୍ୱେଲ, ହାଇଟେକ୍, ଆଦିତ୍ୟ ଅଶ୍ୱିନୀ, କିମ୍‌ସ ଆଦି ଘରୋଇ ହସ୍ପିଟାଲରେ କରୋନା ସଂକ୍ରମିତଙ୍କ ପାଇଁ ବେଡ୍ ସଂରକ୍ଷିତ ରଖାଯାଇଥିବାବେଳେ ସରକାରୀ ହସ୍ପିଟାଲଗୁଡିକରେ ୫୦ ପ୍ରତିଶତ ବେଡ୍ ସଂକ୍ରମିତଙ୍କ ପାଇଁ ରଖିବାକୁ ବିଏମ୍‌ସି ନିର୍ଦ୍ଦେଶ ଜାରି କରିଛି। ଏହି କ୍ରମରେ ପର୍ଯ୍ୟାୟକ୍ରମେ ବେଡ୍ ସଂଖ୍ୟା ବୃଦ୍ଧି କରାଯାଉଛି। ବର୍ତ୍ତମାନ ସୁଦ୍ଧା ପର୍ଯ୍ୟାପ୍ତ ବେଡ୍ ପ୍ରସ୍ତୁତ ରହିଥିବା ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଯାଏ ରାଜଧାନୀରେ କୌଣସି ମାଇକ୍ରୋ କଣ୍ଟେଣ୍ଟମେଣ୍ଟ ଜୋନ୍ କରାଯାଇ ନାହିଁ। କେତେକ ଆପାର୍ଟମେଣ୍ଟରେ ଏକାଧିକ ସଂକ୍ରମିତ ଚିହ୍ନଟ ହେବା ପରେ ତାହାକୁ ସିଲ୍ କରି ପରବର୍ତ୍ତୀ ପଦକ୍ଷେପ ନିଆଯାଉଛି। ବସ୍ତି ଅଞ୍ଚଳର ଲୋକଙ୍କୁ ସଚେତନ କରାଯିବା ସହ ସର୍ବେକ୍ଷଣ କରାଯାଉଛି। କୌଣସି ବ୍ୟକ୍ତିଙ୍କଠାରେ କରୋନା ଲକ୍ଷଣ ଦେଖାଗଲେ ତୁରନ୍ତ ଟେଷ୍ଟ କରାଯାଉଛି। ୧୯୨୯ କଲ୍ ସେଣ୍ଟରକୁ ଫୋନ୍ କରି ଲୋକେ କରୋନା ସମ୍ପର୍କିତ ସମସ୍ତ ତଥ୍ୟ ପାଇ ପାରୁଛନ୍ତି। ସେହିପରି ସ୍ୱର୍ଗଦ୍ୱାରରେ ଅନ୍ୟ ଜିଲାର ଲୋକଙ୍କ ମୃତଦେହ ଦାହ ଉପରେ ପୁରୀ ଜିଲା ପ୍ରଶାସନ କଟକଣା ଲଗାଇବା ପରେ ଏହାର ପ୍ରଭାବ ଭୁବନେଶ୍ୱର ଉପରେ ପଡିବ। ସେଥିପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ। ସତ୍ୟନଗର ଶ୍ମଶାନକୁ ଏଥିପାଇଁ ପ୍ରସ୍ତୁତ କରାଯାଇଛି। ଖୁବ୍‌ଶୀଘ୍ର ମହାନଗରରେ ଆଉ ୨ଟି ଶ୍ମଶାନ କାର୍ଯ୍ୟକ୍ଷମ କରାଯିବ ବୋଲି କମିଶନର କହିଛନ୍ତି।

## ମହୁମାଛି ଆକ୍ରମଣରେ ଓଡ଼ିଆ ଇଞ୍ଜିନିୟରଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୬।୪(ବ୍ୟୁରୋ): ଟାଞ୍ଜାନିଆର ସିନ୍ୟାଙ୍ଗ ପ୍ରଦେଶରେ କାର୍ଯ୍ୟରତ ଓଡ଼ିଆ ଇଞ୍ଜିନିୟର ଦିଲୀପ କୁମାର ପାତ୍ରଙ୍କ ମହୁମାଛି ଆକ୍ରମଣରେ ମୃତ୍ୟୁ ଘଟିଛି। ବୁଧବାର ସେ ଆଞ୍ଜେଲିକ୍ ଇଣ୍ଟର ନ୍ୟାଶନାଲ କମ୍ପାନୀର ସିନ୍ୟାଙ୍ଗସ୍ଥିତ ଗୋଦାମ ଘର ପର୍ଯ୍ୟବେକ୍ଷଣ କରୁଥିବାବେଳେ ବିଷାକ୍ତ ମହୁମାଛିଙ୍କ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଦୁଇ ଘଣ୍ଟା ଯନ୍ତ୍ରଣାରେ ଛଟପଟ ହେବାପରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ସହ ସଂଗ୍ରାମ କରିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ମରଶରୀରକୁ କମ୍ପାନୀ ପକ୍ଷରୁ ଟାଞ୍ଜାନିଆରୁ ବିମାନ ଯୋଗେ ରାଜଧାନୀ ଭୁବନେଶ୍ୱରକୁ ପଠାଯାଇଥିଲା। ସୋମବାର ସନ୍ଧ୍ୟାରେ ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ଭାଇ ନଳିନୀ ପାତ୍ର କହିଛନ୍ତି।

## ପ୍ରବଚକ ରାମଦାସଙ୍କ ବିରୋଧରେ ଅଭିଯୋଗ

ପୁରୀ ଅଫିସ,୨୬।୪: ପ୍ରବଚକ ଚାରଣ ରାମଦାସ ଠାକୁରଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇଥିବା ପ୍ରତିବାଦରେ ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ପକ୍ଷରୁ ପୁରୀ ସିଂହଦ୍ୱାର ଥାନାରେ ଏକ ଅଭିଯୋଗ ହୋଇଛି। ଏହାସହ ପରିଷଦ ପକ୍ଷରୁ ପ୍ରବଚକଙ୍କ ବିରୋଧରେ ବିକ୍ଷୋଭ କରାଯାଇଛି। ପ୍ରବଚକ ରାମଦାସ ଘରୋଇ ଚ୍ୟାନେଲରେ ପ୍ରବଚନ ଦେବା ସମୟରେ ଭଗବାନ ବିଷ୍ଣୁ ଓ ନାରଦଙ୍କ ପ୍ରତି କଟୁ ଓ ଅଶାଳୀନ ମନ୍ତବ୍ୟ ରଖିଛନ୍ତି। ଏଣୁ ତାଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ପକ୍ଷରୁ ଦାବି ରଖାଯାଇଛି। ଏ ନେଇ ପରିଷଦର ଉପଦେଷ୍ଟା କହିଛନ୍ତି, ରାମନବମୀ ଦିନ ଏକ ଘରୋଇ ଚ୍ୟାନେଲରେ ଚାରଣ ରାମଦାସଙ୍କର ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ କଷ୍ଟଦାୟକ ଅଟେ। ଶ୍ରୀବିଷ୍ଣୁଙ୍କୁ ହାରମଜାଦା ଓ ନାରଦ ଜିନ୍ସ ପ୍ୟାଣ୍ଟ ପିନ୍ଧୁଥିବା କଥା କହିଛନ୍ତି। ଏସବୁ ସନାତନ ସଂସ୍କୃତିରେ ଏକ ପ୍ରବଚକଙ୍କ ମୁଖରେ ଏଭଳି ଆଚରଣ ଶୋଭା ଦେଉନାହିଁ। ଚାରଣ ରାମଦାସଙ୍କର ଏଭଳି ଆଚରଣ ବିରୋଧରେ ସାରା ରାଜ୍ୟର ବିଭିନ୍ନ ଥାନାରେ ଏ ନେଇ ଏତଲା ଦିଆଯିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପ୍ରବଚକ ଭାବେ ତାଙ୍କର ଦାୟିତ୍ୱବୋଧ ରହିବାର ଆବଶ୍ୟକତା ରହିଛି ଓ ତାଙ୍କର ଏହି ଅକ୍ଷମଣୀୟ ଭୁଲ ପାଇଁ ତାଙ୍କୁ ଗିରଫ କରାଯାଉ ବୋଲି ପରିଷଦ କହିଛି।





ଯୁକ୍ତ୨ ପରୀକ୍ଷା ବାତିଲ ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ ସହ ବିଧାନସଭା ଅଭିମୁଖ ଯାଉଥିବାବେଳେ ପୋଲିସ ଅଟକାଉଛି। ଜଣେ ଆନ୍ଦୋଳନରତ ଛାତ୍ରଙ୍କୁ ପିପିଇ କିଟ୍ ପିନ୍ଧା ପୋଲିସ ଧରି ନେଉଛି।

# ଯୁକ୍ତ୨ ପରୀକ୍ଷା ବାତିଲ ଦାବିରେ ପୁଣି ଆନ୍ଦୋଳନ

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

**ନବୀନ ନିବାସ ଘେରାଉ ଚେତାବନୀ**

- ନବୀନ ନିବାସ ଘେରାଉ ଚେତାବନୀ
- ଲୋୟର ପିଏମ୍‌ଜିରେ ଧାରଣା, ଆଇଜି ପାର୍କରେ ମେଳି
- ଘଉଡ଼ାଇଲା, ଉଠାଇ ନେଲା ପୋଲିସ

ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଛାତ୍ରୀଛାତ୍ର। ସୋମବାର ବିଭିନ୍ନ କଲେଜର ଛାତ୍ରୀଛାତ୍ର ଲୋୟର ପିଏମ୍‌ଜିରେ ଧାରଣାରେ ବସିବା ସହ ବିଧାନସଭା ଘେରାଉ ଉଦ୍ୟମ କରିଥିଲେ। ବର୍ତ୍ତମାନ କରୋନା ସଂକ୍ରମଣ ବଢୁଥିବାରୁ ମାଟ୍ରିକ ପରି ଯୁକ୍ତ୨ ପରୀକ୍ଷାକୁ ବାତିଲ କରାଯାଉ, ନଚେତ ପରୀକ୍ଷା ନେଇ ତୁରନ୍ତ ନିଷ୍ପତ୍ତି ହେଉ ବୋଲି ସେମାନେ ଦାବି କରିଥିଲେ। ପିଲାଙ୍କ ଦାବିକୁ ସମର୍ଥନ କରି ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନର କର୍ମକର୍ତ୍ତା ମଧ୍ୟ ପ୍ରତିବାଦ ସଭାରେ ସାମିଲ ହୋଇଥିଲେ। ପ୍ରଥମେ ପୋଲିସ ଧାରଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲା। ହେଲେ ସେମାନେ ନିଜ ଜିଦ୍‌ରେ ଅଟଳ ରହିବା ସହ ସ୍ଲୋଗାନ ଦେଇ ବ୍ୟାରିକେଡ୍ ଡେଇଁ ବିଧାନସଭା ଆଡକୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ନ ମାନିବାରୁ ପୋଲିସ କେତେଜଣଙ୍କୁ ଉଠାଇ ନେଇଥିଲା। ଏହାଦେଖି ଅନ୍ୟ ଛାତ୍ରୀଛାତ୍ରମାନେ ଛତ୍ରଭଙ୍ଗ ଦେଇଥିଲେ। ଏହାପରେ କେତେଜଣ ଛାତ୍ରୀଛାତ୍ର ଆଇଜି ପାର୍କରେ ମଧ୍ୟ ମେଳି କରିଥିଲେ। ପୋଲିସ ମଧ୍ୟ ସେଠାରେ ପହଞ୍ଚି ଘଉଡ଼ାଇ ଦେଇଥିଲା। କରୋନା ସଂକ୍ରମଣ ଏଡ଼ାଇବା ପାଇଁ ପିପିଇ କିଟ୍ ପିନ୍ଧା ପୋଲିସଙ୍କୁ ନିୟୋଜିତ କରାଯାଇଥିଲା। ତେବେ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଛାତ୍ରୀଛାତ୍ର ଧମକ ଦେଇଛନ୍ତି। ଆସନ୍ତା ୧୦ଦିନ ଭିତରେ ଯଦି କିଛି ନିଷ୍ପତ୍ତି ନିଆ ନ ଯାଏ, ତେବେ ୧୦ ଦିନ ପରେ ନବୀନ ନିବାସ ଘେରାଉ କରିବାକୁ ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମାଟ୍ରିକ ପରୀକ୍ଷାକୁ ବାତିଲ କରିଛନ୍ତି। କିନ୍ତୁ ଯୁକ୍ତ୨ ପରୀକ୍ଷା ହେବ କି ନାହିଁ ତାହା ଏଯାଏ ସ୍ଥିର ହୋଇନାହିଁ। ଏହାକୁ ନେଇ ଛାତ୍ରୀଛାତ୍ର ଏବେବି ଦ୍ୱନ୍ଦ୍ୱରେ ରହିଥିବାବେଳେ ରାସ୍ତାକୁ ଓହ୍ଲାଇ ଦାବି ରଖୁଛନ୍ତି। ଗତ ୨୨ତାରିଖରେ ପରୀକ୍ଷା ବାତିଲ ଦାବିରେ ଯୁକ୍ତ୨ ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇଥିଲେ। ସେତେବେଳେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଆଶ୍ୱାସନା ଦେଇ ପିଲାମାନେ ପାଠ ପଢ଼ାରେ ମନୋନିବେଶ କରନ୍ତୁ ଏବଂ ବାତାବରଣ ଠିକ୍ ହେଲେ ପରୀକ୍ଷା ହେବ ବୋଲି କହିଥିଲେ। ଏଥିସହ ଜୁନ୍ ପ୍ରଥମ ସପ୍ତାହରେ ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ମଧ୍ୟ ମନ୍ତ୍ରୀ ସ୍ପଷ୍ଟ କରିଥିଲେ।

## ଜିଲାପାଳଙ୍କୁ ଦାବିପତ୍ର

କଟକ ଅଫିସ,୨୬।୪

ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ଛାତ୍ର ସଂଘ ପକ୍ଷରୁ ସୋମବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଛାତ୍ର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାର ଯୁକ୍ତ ୨ ପରୀକ୍ଷା ସମ୍ପର୍କରେ ଏଯାଏ କୌଣସି ସ୍ପଷ୍ଟ ନିଷ୍ପତ୍ତି ନେଇ ନ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କରୋନାର ନୂତନ ଷ୍ଟ୍ରେନ୍ ଯୁବପିଢିଙ୍କୁ ଅଧିକ ପ୍ରଭାବିତ କରୁଛି। ଇତିମଧ୍ୟରେ ଯୁକ୍ତ ୨ ପରୀକ୍ଷା କରାଗଲେ ଅଧିକ ଛାତ୍ରୀଛାତ୍ର ଆକ୍ରାନ୍ତ ହେବା ଆଶଙ୍କା ରହିଛି। ସେଥିପାଇଁ ଉକ୍ତ ପରୀକ୍ଷା ବାତିଲ କରାଯିବା ସହ ଯୁକ୍ତ ୩ ଆଡମିଶନ୍ ପାଇଁ ସାଧାରଣ ପ୍ରବେଶିକା ପରୀକ୍ଷା କରାଇବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

## ଭର୍ଚୁଆଲ ମୋଡ୍‌ରେ ଭୁବନେଶ୍ୱର କୋର୍ଟ ଚାଲୁ : ଓକିଲ ସଂଘ

**ଆକ୍ରାନ୍ତ ହେଲେଣି ମାଜିଷ୍ଟ୍ରେଟ୍‌ଙ୍କ ସମେତ କୋର୍ଟର ୪୦ ଓକିଲ, କର୍ମଚାରୀ**

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ହାଇକୋର୍ଟ ପରି ଭୁବନେଶ୍ୱର କୋର୍ଟ ଭର୍ଚୁଆଲ ମୋଡ୍‌ରେ ଚଲାଇବାକୁ ସୋମବାର ଓକିଲ ସଂଘ ତରଫରୁ ଜିଲା ଦୌରାଜଜଙ୍କ ନିକଟରେ ଦାବି କରାଯାଇଛି। ସଂଘ ସମ୍ପାଦକ ରାଜକିଶୋର ଦାସ କହିଛନ୍ତି ଯେ, ସହରରେ ସଂକ୍ରମଣ ହୁହୁ ହୋଇ ବଢୁଛି। ଇତିମଧ୍ୟରେ ମାଜିଷ୍ଟ୍ରେଟ୍‌ଙ୍କ ସମେତ କୋର୍ଟର ୪୦ରୁ ଊର୍ଦ୍ଧ୍ୱ ଓକିଲ ଓ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ପୂର୍ବରୁ ଏଠାକୁ ୭ ହଜାରରୁ ୧୦ ହଜାର ଓକିଲ, କର୍ମଚାରୀ ଓ ଲୋକଙ୍କର ଯିବାଆସିବା ରହୁଥିଲା। ଏବେ ତାହା ୫ ହଜାରରେ ପହଞ୍ଚିଛି। ଏହି ଗହଳି ଯୋଗୁ କୋର୍ଟ ପରିସରରେ ସଂକ୍ରମଣ ଭୟ ରହୁଛି। ପ୍ରତିଦିନ ବିଏମସି ତରଫରୁ ସାନିଟାଇଜେଶନ ହେବା କଥା। କିନ୍ତୁ ତାହା କରାଯାଉନାହିଁ। ତେଣୁ ଉଭୟ ଓକିଲ ଓ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଭର୍ଚୁଆଲ ମୋଡରେ କୋର୍ଟ କାର୍ଯ୍ୟ ଚାଲିବାର ଆବଶ୍ୟକତା ରହିଛି। ଏନେଇ ଖୁବଶୀଘ୍ର ପୋଲିସ କମିଶନର ଓ ବିଏମ୍‌ସି କମିଶନରଙ୍କୁ ଭେଟି କୋର୍ଟ ପରିସରକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯିବାକୁ ଦାବି କରାଯିବ ବୋଲି ଓକିଲ ସଂଘ ସଭାପତି ନିର୍ମଳ କିଶୋର ରଥ, ଉପସଭାପତି ଦେବୀଦତ୍ତ ବାରିକ, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା, ଯୁଗ୍ମ ସମ୍ପାଦକ ଅଶୋକ ବଡ଼ପଣ୍ଡା ପ୍ରମୁଖ କହିଛନ୍ତି।



ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଅବସରରେ ବିଧାନସଭା ପରିସର ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ଥିବା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଓ ଅନ୍ୟମାନେ।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭୁବନେଶ୍ୱର, ୨୬।୪ (ବ୍ୟୁରୋ)

ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ପକ୍ଷରୁ ଏଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶାଖା ସଭାପତି ଦିଲୀପ ଦାଶଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଯୋଗଦେଇଥିଲେ। ସେହିପରି ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ଗୋପୀ ମୋହନ ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ ଓ ସମରଞ୍ଜନ ମହାନ୍ତି ପ୍ରମୁଖ କୋଭିଡ୍ କଟକଣା ମାନି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ପଦ ହ୍ରାସ କରାଯାଇଥିବା ୬ ପୋଲିସ ଅଫିସରଙ୍କ ପଦୋନ୍ନତି

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଓଡ଼ିଶା ପୋଲିସରେ ଇନ୍‌ଚାର୍ଜ ଡିଏସ୍‌ପି ଭାବେ କାର୍ଯ୍ୟ କରୁଥିବା ୨୮ଜଣ ଡିଏସ୍‌ପିଙ୍କର କିଛିଦିନ ତଳେ ପଦ ହ୍ରାସ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ପୁଣିଥରେ ଇନ୍ସପେକ୍ଟର ପାହ୍ୟାକୁ ନିଆଯାଇଥିଲା। ସୋମବାର ସେମାନଙ୍କ ମଧ୍ୟରୁ ୬ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ଅଫିସର ହେଲେ ମନୋଜ କୁମାର ରାଉତ, ସୂର୍ଯ୍ୟମଣି ପ୍ରଧାନ, ଇତି ଦାସ, ରବି ନାରାୟଣ ପାଢୀ, ପୁଷ୍ପଲତା ବାରିକ ଓ ଅତନୁ କୁମାର ରାଉତ। ଏମାନଙ୍କ ନିଯୁକ୍ତି ନେଇ ପରବର୍ତ୍ତୀ ସମୟରେ ଡିଜିପି ଘୋଷଣା କରିବେ ବୋଲି ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ପଦୋନ୍ନତି ପାଇଥିବା ୬ଜଣ ପୋଲିସ ଅଫିସର ପୂର୍ବରୁ ଇନ୍‌ଚାର୍ଜ ଡିଏସ୍‌ପି ଭାବେ କାର୍ଯ୍ୟ କରୁଥିଲେ। ଜାନୁୟାରୀ ୨୯ରେ ଗୃହ ବିଭାଗ ପକ୍ଷରୁ ୩୦୧ଜଣ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଥିଲା। ତେବେ ଏହି ୬ ଅଫିସରଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ରହିଥିବାରୁ ପଦୋନ୍ନତି ତାଲିକାରେ ସେମାନଙ୍କ ନାମ ଆସି ନ ଥିଲା। ତେଣୁ ଏପ୍ରିଲ ୧୫ରେ ଗୃହ ବିଭାଗ ପକ୍ଷରୁ ସେମାନଙ୍କୁ ଇନ୍‌ଚାର୍ଜ ପଦରୁ ହଟାଯାଇଥିଲା। ଏବେ ସେସବୁ ଅଭିଯୋଗର ସମାଧାନ ହୋଇଯାଇଥିବାରୁ ସେମାନଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି କରାଯାଇଛି। ସେମାନଙ୍କ ପଦୋନ୍ନତି ପିଛିଲା ଭାବେ ଜାନୁୟାରୀ ୨୯ରୁ ଲାଗୁ କରାଯିବ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହିତ ସେମାନଙ୍କ ବରିଷ୍ଠତା ପୂର୍ବଭଳି ବଜାୟ ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ପ୍ରତିଭା ଖୋଜୁଛି 'ମିସେସ୍ ଇଣ୍ଡିଆ ନୟନତାରା'

ଭୁବନେଶ୍ୱର, ୨୬।୪ (ବ୍ୟୁରୋ)

- ବିଭିନ୍ନ ରାଜ୍ୟର ୨ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ
- ମେ ୯ରେ ଗ୍ରାଣ୍ଡ୍ ଫିନାଲେ

'ମିସ୍ ଇଣ୍ଡିଆ ନୟନତାରା'ର ସଫଳତା ପରେ ଏସ୍‌ଜେ ପ୍ରଡକ୍ସନ ପକ୍ଷରୁ ଆରମ୍ଭ ହୋଇଛି 'ମିସେସ୍ ଇଣ୍ଡଆ ନୟନତାରା' ପ୍ରତିଯୋଗିତା। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ୨୫ବର୍ଷରୁ ୫୦ ବର୍ଷ ବୟସର ୨ଶହରୁ ଊର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। ୧୪ ତାରିଖରୁ ଅନ୍‌ଲାଇନ୍ ମାଧ୍ୟମରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ୧୫ ତାରିଖରେ ଗ୍ରୁମିଙ୍ଗ୍ କରାଯାଇ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୫୦ଜଣ ବଛା ଯାଇଥିଲା। 'ସେଲ୍‌ଫ୍ ଇଣ୍ଟରଡକ୍ସନ୍' ରାଉଣ୍ଡ ପରେ ଏବେ ଟପ୍ ଫ୍ରେଣ୍ଟିଙ୍କୁ ନେଇ ଚାଲିଛି ଅନ୍‌ଲାଇନ୍ ପ୍ରତିଯୋଗିତା। ଶୁକ୍ରବାର ଦ୍ୱିତୀୟ ରାଉଣ୍ଡ୍‌ର ଶୀର୍ଷକ ଥିଲା 'ଗଲି ମେଁ ଆଜ୍ ଚାନ୍ଦ ନିକ୍‌ଲା'। ତୃତୀୟ ରାଉଣ୍ଡରେ ଆର୍ଟ୍ ମେକିଂ ଓ ରବିବାର ଚତୁର୍ଥ ରାଉଣ୍ଡରେ କଷ୍ଟ୍ୟୁମ୍ ଗ୍ରୁମିଂ ମେକ୍‌ଓଭର ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। କଷ୍ଟ୍ୟୁମ୍ ରାଉଣ୍ଡରେ ଶ୍ରଦ୍ଧା ଭଟ୍ଟାଚାର୍ଯ୍ୟ ୱିନର ହୋଇଥିବାବେଳେ, ସୁମନ ସାୟଦ ପ୍ରଥମ ରନର୍ସ ଅପ୍, ସୁଦିପ୍ତା ରାଣୀ ବିଶ୍ୱାଳ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ଆଗକୁ ମେକ୍‌ଅପ୍ କ୍ଲାସ୍, ସ୍ପୋକନ ଇଂଲିଶ କ୍ଲାସ, ସମାଜ ପ୍ରତି ଦାୟିତ୍ୱବୋଧ, ପ୍ରଶ୍ନୋତ୍ତରକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସିନ୍ଧୁ ବ୍ରାଉନ୍ ଇଂଲିଶ କ୍ଲାସ ନେବେ। ସେହିପରି ଓଜନ ହ୍ରାସ ପାଇଁ ସାଗରିକା ମହାନ୍ତି, କଷ୍ଟ୍ୟୁମ୍ ଡିଜାଇନ୍ ପାଇଁ ଜିତ୍ ଜଗଜିତ୍, ମେକଅପ୍ ପାଇଁ ମନ୍‌ସୁଦ୍ ଖାନ୍, ବିହେଭିରାଲ୍ କ୍ଲାସ ପାଇଁ ଚନ୍ଦନା ଦାସ ସେମାନଙ୍କୁ ଟ୍ରେନିଂ ଦେବେ। ଫିଲ୍ମ ମେକିଂ, ଆର୍ଟ୍ ମେକିଂ, ପ୍ରୋଫାଇଲ୍ ମେକିଂ, ମିଡିଆ ମ୍ୟାନେଜ୍‌ମେଣ୍ଟ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗୀଙ୍କୁ ଟ୍ରେନିଂ ଦିଆଯିବ ବୋଲି ପ୍ରଡକ୍ସନର ମୁଖ୍ୟ ଶାଶ୍ୱତ ଯୋଷୀ ସୂଚନା ଦେଇଛନ୍ତି। ମେ' ୯ ବିଶ୍ୱ ମାତୃତ୍ୱ ଦିବସ ଅବସରରେ ଟପ୍ ଟେନ୍ ପ୍ରତିଯୋଗୀଙ୍କୁ ନେଇ ଗ୍ରାଣ୍ଡ୍ ଫିନାଲେ କରାଯିବ। ମା' ମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହା ଏକ ଭିନ୍ନ ପ୍ରୟାସ। ଖୁବ୍‌ଶୀଘ୍ର ଏହି ସମସ୍ତ ରାଉଣ୍ଡର ଟେଲିକାଷ୍ଟ ଶାଶ୍ୱତ ଯୋଶୀ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରଦର୍ଶିତ ହେବ ବୋଲି ଶାଶ୍ୱତ କହିଛନ୍ତି।

## ୧୪ ରାଜ୍ୟର ବନ କର୍ମଚାରୀ ସଂଘ ସହିତ କେନ୍ଦ୍ର ସରକାରଙ୍କ ଆଲୋଚନା

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

ଦେଶରେ କାର୍ଯ୍ୟ କରୁଥିବା ବନ କର୍ମଚାରୀଙ୍କ କାର୍ଯ୍ୟଶୈଳୀ କିପରି ଉନ୍ନତ ଓ ସୁଦୃଢ଼ ହେବ ତାହାକୁ ନେଇ ସୋମବାର ୧୪ ରାଜ୍ୟର ବନ କର୍ମଚାରୀ ସଂଘ ସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଆଇଏଏସ୍ କେଶବ ଶରଣ ବର୍ମାଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଏ.କେ. ଗୋୟଲ ଯୋଗଦେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ବିଷୟରେ ମତ ଲୋଡ଼ିଥିଲେ। ଓଡ଼ିଶାର ଅଣ ଗେଜେଟେଡ଼ ବନ ସେବା ସଂଘ ତରଫରୁ କେନ୍ଦ୍ର ସରକାରଙ୍କ ନିକଟରେ ବିଭିନ୍ନ ପ୍ରକାର ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ସଂଘ ଅଧ୍ୟକ୍ଷ ଜଗବନ୍ଧୁ ପାତ୍ର ସାରା ଦେଶରେ ଗୋଟିଏ ପ୍ରକାର ନିଯୁକ୍ତି ନିୟମ ଓ ଡ୍ରେସ କୋଡ୍ ପାଇଁ ମତ ଦେବା ସହ ବନ୍ୟପ୍ରାଣୀ ଓ ଜଙ୍ଗଲ ଅପରାଧ ପାଇଁ ସ୍ୱତନ୍ତ୍ର ଫରେଷ୍ଟର ପଦବୀ ପାଇଁ ଦାବି କରିଥିଲେ। ମନୁଷ୍ୟ ଓ ବନ୍ୟପ୍ରାଣୀ ବିବାଦ ଏବଂ ଜଙ୍ଗଲ ନିଆଁ ପାଇଁ ସ୍ୱତନ୍ତ୍ର ଏସ୍‌ଓପି ଲାଗୁ ସହ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ଗଠନ ପାଇଁ ସଂଘ ସଭାପତି ଗୌରୀ ଶଙ୍କର ସାହୁ ପ୍ରସ୍ତାବ ଦେଇଥିଲେ। ମଙ୍ଗଳବାର ବୈଠକର ସବିଶେଷ ବିବରଣୀ ପିସିସିଏଫ୍‌ଙ୍କୁ ଦିଆଯିବ ବୋଲି ସଂଘ ସମ୍ପାଦକ ସମୀର ବେହେରା ପ୍ରକାଶ କରିଛନ୍ତି।

# ଅକ୍ସିଜେନକୁ ନେଇ ଭାଜପା-ବିଜେଡି ମୁହାଁମୁହିଁ

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

- ଅକ୍ସିଜେନ ସିଏମ୍‌ଓରୁ ନୁହେଁ ପିଏମ୍‌ଓରୁ ହେଉଛି: ଭାଜପା
- ସରକାରଙ୍କ ପ୍ରଶଂସା ସହ୍ୟ କରିପାରୁନି ଭାଜପା: ବିଜେଡି



ଦିଲ୍ଲୀ ଓ ମହାରାଷ୍ଟ୍ର ଭଳି ରାଜ୍ୟରେ କରୋନା ରୋଗୀଙ୍କ ଚିକିତ୍ସାରେ ଅକ୍ସିଜେନ ଘୋର ଅଭାବ ଦେଖାଦେଇଛି। ଏହା ଅଭାବରୁ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏପରି ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ରାଜ୍ୟକୁ ଅକ୍ସିଜେନ ପଠାଉଛନ୍ତି। ଏଥିଲାଗି ରାଜ୍ୟ ସରକାରଙ୍କୁ ଚାରିଆଡୁ ପ୍ରଶଂସା ମିଳୁଥିବା ବେଳେ ଭାଜପା କିନ୍ତୁ ପାଲଟା ଭାବେ ସମାଲୋଚନା କରିଛି। ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଅକ୍ସିଜେନକୁ ନେଇ ଓଡ଼ିଶା ସରକାର ରାଜନୀତି କରୁଛନ୍ତି। ଅକ୍ସିଜେନ ଉତ୍ପାଦନ ଲାଗି ରାଜ୍ୟ ସରକାରଙ୍କ କୌଣସି କାରଖାନା ବା ପ୍ଲାଣ୍ଟ ନାହିଁ। ତେବେ କେଉଁଠାରୁ ସରକାର ଅକ୍ସିଜେନ ଆଣି ଯୋଗାଉଛନ୍ତି। ଯଦି କିଣିଛନ୍ତି ତେବେ କେଉଁଠାରୁ କେତେ ଟଙ୍କାରେ ମଗାଇଛନ୍ତି କୁହନ୍ତୁ। ସାଧାରଣତଃ କେନ୍ଦ୍ର ଓ ବିଭିନ୍ନ ଘରୋଇ ଇସ୍ପାତ କାରଖାନାରୁ ଅକ୍ସିଜେନ ଉତ୍ପାଦନ ହୋଇଥାଏ। ଅକ୍ସିଜେନ ସପ୍ଲାଏ ପିଏମ୍‌ଓ(ପ୍ରଧାନମନ୍ତ୍ରୀ ଅଫିସ)ରୁ ହେଉଛି ସିଏମ୍‌ଓ(ମୁଖ୍ୟମନ୍ତ୍ରୀଙ୍କ ଅଫିସ)ରୁ ନୁହେଁ ବୋଲି ଲେଖାଶ୍ରୀ କହିଛନ୍ତି। ଲେଖାଶ୍ରୀଙ୍କ ଅଭିଯୋଗ ଉପରେ କଡା ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି, ସାରା ଭାରତବର୍ଷକୁ ତରଳ ମେଡିକାଲ ଅକ୍ସିଜେନ ଯୋଗାଇ ଲୋକଙ୍କ ଜୀବନ ରକ୍ଷା କରୁଥିବା ଓଡ଼ିଶାକୁ ପ୍ରଶଂସାର ସୁଅ ଛୁଟୁଥିବାବେଳେ ଲେଖାଶ୍ରୀ ତାହାକୁ ସହ୍ୟ କରିପାରୁ ନାହାନ୍ତି। ଓଡ଼ିଶାର ଏଭଳି କାର୍ଯ୍ୟକୁ ପ୍ରଶଂସା କରିବା ବଦଳରେ ସେ ଅଭ୍ୟାସଗତ ଭାବେ ବିଭ୍ରାନ୍ତିକର ଓ ନିମ୍ନମାନର ମନ୍ତବ୍ୟ ଦେବା ସହିତ ଅସହିଷ୍ଣୁ ମନୋଭାବ ଦେଖାଉଛନ୍ତି। ଅକ୍ସିଜେନ ଯୋଗାଣ ମାଧ୍ୟମରେ ଓଡ଼ିଶା ଏବେ ଦିଲ୍ଲୀ, ମହାରାଷ୍ଟ୍ର ଭଳି ରାଜ୍ୟର ଲୋକଙ୍କୁ ଜୀବନଦାନ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ଏଭଳି ସହଯୋଗ ପାଇଁ ସେହିସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଓଡିଶାକୁ ଭୂରି ଭୂରି ପ୍ରଶଂସା କରୁଛନ୍ତି। ତେବେ ଏଭଳି ପ୍ରଶଂସାକୁ ଏବେ ଭାଜପା ଗ୍ରହଣ କରିପାରୁ ନାହିଁ ବୋଲି ସେ କହିଛନ୍ତି।

## ଟ୍ରେନ୍ ଧକ୍କାରେ ଜଣେ ମୃତ

ଟାଙ୍ଗୀ, (କଟକ)(ଡି.ଏନ୍.ଏ.): ସୋମବାର ପୂର୍ବାହ୍ନରେ ଡଗରାସାହି ରେଳ ଫାଟକ ନିକଟରେ ଟ୍ରେନ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରିଅନ୍ତା ପଞ୍ଚାୟତ ଅଧୀନ ନିମାପଡ଼ା ଗ୍ରାମର ବାସୁଦେବ ସେଠୀ(୫୫) । ଜିଆରପି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜିଆରପି କହିଛି। ସୂଚନାଯୋଗ୍ୟ, ବାସୁଦେବ ଏକ ଘରୋଇ ସଂସ୍ଥାରେ ସୁରକ୍ଷା କର୍ମୀ ଭାବେ ନିୟୋଜିତ ଥିଲେ।

## ଆଜି କ'ଣ କେଉଁଠି

କଟକ

- ମାସିକ ଚଳଚ୍ଚିତ୍ର ପତ୍ରିକା 'ସିନେମା ସଂସାର' ପକ୍ଷରୁ ସମ୍ମାନ ପ୍ରଦାନ ଉତ୍ସବ, ଟାଉନ ହଲ୍, ଅପରାହ୍ନ ୫ଟା ।
- କଟକ ସିଟି କଂଗ୍ରେସ ଲିଗାଲ ସେଲ୍ ପକ୍ଷରୁ 'ଆମ ସମ୍ବିଧାନ ଏବେ କେତେ ସୁରକ୍ଷିତ' ଶୀର୍ଷକ ଆଲୋଚନାଚକ୍ର, ପୁରୀଘାଟସ୍ଥିତ କାର୍ଯ୍ୟାଳୟ, ଅପରାହ୍ନ ୫ଟା ୩୦ ।

## ଚିକିତ୍ସାଧୀନ ଅବସ୍ଥାରେ କଏଦୀଙ୍କ ମୃତ୍ୟୁ

**ଚୌଦ୍ୱାର,୨୬।୪(ଡି.ଏନ୍.ଏ.):** ଚୌଦ୍ୱାର ସର୍କଲ ଜେଲର ଜଣେ ବିଚାରାଧୀନ କଏଦୀଙ୍କ ରବିବାର ସନ୍ଧ୍ୟାରେ କଟକ ବଡ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ସୁନିଆପଦା ଗ୍ରାମର ଅଜୟ ତିରିଆ(୫୫)। ଅଜୟ ଏକ ଅବକାରୀ ମାମଲାରେ ଗିରଫ ହୋଇ ଶୁକ୍ରବାର ଚୌଦ୍ୱାର ଜେଲକୁ ଆସିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜେଲର ଅବିନାଶ ବେହେରା କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପୋଖରୀରୁ ମୃତଦେହ ଜବତ

**ଖୁଣ୍ଟୁଣୀ, ୨୬।୪(ଡି.ଏନ.ଏ):** ଖୁଣ୍ଟୁଣୀ ଥାନା ଅଧୀନ କାଳୀମାଟି ଗ୍ରାମର ଏକ ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ରମେଶ ଚାମ୍ପିଆ। ସୋମବାର ମଧ୍ୟାହ୍ନରେ ଉକ୍ତ ପୋଖରୀରେ ସେ ଗାଧୋଇବାକୁ ଆସିଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଉକ୍ତ ପୋଖରୀ ନିକଟକୁ ଆସି ରମେଶଙ୍କ ଚପଲ ଓ ଗାମୁଛା ରଖାଯାଇଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ସ୍ଥାନୀୟ ଯୁବକଙ୍କ ସହାୟତାରେ ପୋଖରୀରେ ଖୋଜାଖୋଜି କରିବାରୁ ରମେଶଙ୍କ ମୃତଦେହ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଥିଲା। ରମେଶଙ୍କ ମୃତ୍ୟୁର କାରଣ ଜଣାପଡି ନ ଥିଲେ ମଧ ସେ ଗାଧୋଇବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୧) ରୁଜୁ ହୋଇଛି।

## କରୋନା ଶବଦାହକଙ୍କ ପାଇଁ ବୀମା ଘୋଷଣା କରାଯାଉ

**କଟକ ଅଫିସ, ୨୬।୪:** କରୋନା ମୃତଶରୀର ଦାହ କରୁଥିବା ବ୍ୟକ୍ତି (ଶବଦାହକ)ଙ୍କ ପାଇଁ ୨୫ ଲକ୍ଷ ଟଙ୍କାର ବୀମାରାଶି ଘୋଷଣା ସହ ନିୟମିତ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏ ନେଇ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ମଧ ବଢି ଚାଲିଛି। ଏହି ମୃତ ଶରୀରକୁ ଦାହ କରୁଥିବା ବ୍ୟକ୍ତିମାନେ ନିଜ ଜୀବନକୁ ବିପଦ ମୁହଁକୁ ଠେଲି କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କ ପାଇଁ କୌଣସି ସରକାରୀ ସୁବିଧା କରାଯାଇନାହିଁ। ଏଣୁ ଏହି ବ୍ୟକ୍ତିମାନଙ୍କୁ ରାଜ୍ୟ ସରକାର ଚିହ୍ନଟ କରି ସେମାନଙ୍କ ନାମରେ ୨୫ ଲକ୍ଷ ଟଙ୍କାର ଆର୍ଥିକ ବୀମାରାଶି ଘୋଷଣା କରିବା ପାଇଁ ଦାବି କରାଯାଇଛି। ମଞ୍ଚର ସଭାପତି ଅକ୍ଷୟ ପଣ୍ଡା, ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ମାନସ କୁମାର ନନ୍ଦ, ସୋମନାଥ ମହାନ୍ତି ଓ ପ୍ରତାପ ମହାନ୍ତି ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଥମୁନି ଦୈନିକ ସଂକ୍ରମଣ



- ୭୦୮ ନୂଆ ସଂକ୍ରମିତ ଚିହ୍ନଟ
- ହଟ୍‌ସ୍ପଟ ପାଲଟିଛି ପଟିଆ, ନୟାପଲ୍ଲୀ ଓ ଖଣ୍ଡଗିରି

**ଭୁବନେଶ୍ୱର, ୨୬।୪ (ବ୍ୟୁରୋ)**

ରେଡ୍ ଜୋନ୍‌ରେ ଥିବା ଖୋର୍ଦ୍ଧା ଜିଲାରେ ଏବେ ଦୈନିକ ସଂକ୍ରମଣ ରାଜ୍ୟରେ ସର୍ବାଧିକ ରହୁଛି। ଭୁବନେଶ୍ୱର ପାଇଁ ଜିଲାର ଏପରି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଏଠାରେ ଦୈନିକ ସଂକ୍ରମଣ ଉପରମୁହାଁ ରହିଛି। ଜିଲାରେ ଚିହ୍ନଟ ହୋଇଥିବା ୯୫୮ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ଭୁବନେଶ୍ୱରରୁ ୭୦୮ଜଣ ରହିଛନ୍ତି। ୧୫୧ଜଣ କ୍ୱାରାଣ୍ଟାଇନ୍‌ରୁ ବାହାରିଥିବାବେଳେ ୫୫୭ଜଣ ଲୋକାଲ କେସ୍ ରହିଛି। ତେବେ ନୟାପଲ୍ଲୀ ଓ ପଟିଆ ଅଞ୍ଚଳରୁ ୩୭ଜଣ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏହା ପଛକୁ ଥିବା ଖଣ୍ଡଗିରି ଅଞ୍ଚଳରୁ ୩୬ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସେହିପରି ଝାରପଡାରୁ ୨୧, ମଞ୍ଚେଶ୍ୱରରୁ ୨୦, ଚନ୍ଦ୍ରଶେଖରପୁରରୁ ୧୭, ଡୁମୁଡୁମାରୁ ୧୬, ବରମୁଣ୍ଡାରୁ ୧୧, ଭୀମଟାଙ୍ଗୀରୁ ୯, ଜୟଦେବ ବିହାରରୁ ୮, ଆଇଗିଣିଆରୁ ୧୧, ଲକ୍ଷ୍ମୀସାଗରରୁ ୮, ବମିଖାଲରୁ ୭, ପୋଖରୀପୁଟରୁ ୧୬, ପାତ୍ରପଡାରୁ ୯, ୟୁନିଟ-୯ରୁ ୧୧, ନିଳାଦ୍ରୀ ବିହାରରୁ ୧୩, ପୁରୁଣା ଭୁବନେଶ୍ୱରରୁ ୧୩, ରସୁଲଗଡରୁ ୧୬, ଟଙ୍କପାଣି ରୋଡ୍‌ରୁ ୭, ଶୈଳଶ୍ରୀ ବିହାରରୁ ୯, ପଳାଶୁଣିରୁ ୯, ୟୁନିଟ-୩ରୁ ୧୧ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଭୁବନେଶ୍ୱରରେ ସଂକ୍ରମିତଙ୍କ ସଂଖ୍ୟା ୪୦ହଜାର ୬୨୮କୁ ବୃଦ୍ଧି ପାଇଛି। ସେହିପରି ମୃତ୍ୟୁ ସଂଖ୍ୟା ୨୫୫ରେ ପହଞ୍ଚିଛି। ବର୍ତ୍ତମାନ ୫ହଜାର ୪୬୮ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଗତ କିଛିଦିନର ରିପୋର୍ଟକୁ ଅନୁଧ୍ୟାନ ଦେଲେ ନୟାପଲ୍ଲୀ, ପଟିଆ ଓ ଖଣ୍ଡଗିରି ଅଞ୍ଚଳରେ ଲଗାତର ସଂକ୍ରମିତଙ୍କ ହାର ବୃଦ୍ଧି ପାଉଥିବା ଦେଖାଯାଉଛି। ଗତ ୭ଦିନ ମଧ୍ୟରେ ୬ଶହ ପାଖାପାଖି ସଂକ୍ରମିତ ଚିହ୍ନଟ ହୋଇଥିବାରୁ ଏସବୁ ଅଞ୍ଚଳ ବର୍ତ୍ତମାନ ରାଜଧାନୀର ହଟ୍‌ସ୍ପଟରେ ପରିଗଣିତ ହୋଇଛି।

## ଅବଧି ପୂର୍ବରୁ ସିଲ୍ ହଟାଇଲା ବିଏମ୍‌ସି

### ଉତ୍କଳ ରୟାଲ ରେସିଡେନ୍ସିରେ ପୁଣି ସଂକ୍ରମଣ ବୃଦ୍ଧି ଆଶଙ୍କା

**ଭୁବନେଶ୍ୱର, ୨୬।୪ (ବ୍ୟୁରୋ)**

ଭୁବନେଶ୍ୱର କଳ୍ପନା ଛକସ୍ଥିତ ଉତ୍କଳ ରୟାଲ ରେସିଡେନ୍ସିରୁ ବହୁ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଗତ ୨୩ତାରିଖରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଉକ୍ତ ଆପାର୍ଟମେଣ୍ଟକୁ ସିଲ୍ କରାଯାଇଥିଲା। ସିଲ୍ ଅବଧି ୧୦ ଦିନ ଅର୍ଥାତ୍ ଆସନ୍ତା ମେ ୨ ପର୍ଯ୍ୟନ୍ତ ରହିଥିଲେ ମଧ ୨୬ ତାରିଖରେ ଏହି କଟକଣାକୁ ହଟାଇ ଦିଆଯାଇଛି। କିନ୍ତୁ ବିଏମ୍‌ସିର ଏପରି କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି। ଆପାର୍ଟମେଣ୍ଟକୁ ସିଲ୍ ପରେ କଟକଣାକୁ କଡ଼ାକଡ଼ି କରାଯାଇଥିଲା। ଏପରିକି ଗତ ଶନିବାର ଓ ରବିବାର ବାସିନ୍ଦାଙ୍କଠାରୁ ଆରମ୍ଭ କରି ହାଉସ୍‌କିପିଂ, ସିକ୍ୟୁରିଟି ଗାର୍ଡ ଓ କର୍ମଚାରୀଙ୍କର ଟେଷ୍ଟ କରାଯିବାର ଥିଲା। ପ୍ରତିଦିନ ୨ଶହ ଜଣଙ୍କ ଟେଷ୍ଟ କରାଯିବ ବୋଲି ମଧ କୁହାଯାଇଥିଲା। ତେବେ କେଉଁ ଆଧାରରେ ବିଏମ୍‌ସି ନିଜର ନିଷ୍ପତ୍ତିରେ ପରିବର୍ତ୍ତନ କଲା ତାହା ସନ୍ଦେହ ଘେରରେ ରହିଛି। ଏନେଇ ବିଏମ୍‌ସିର ଜୋନାଲ୍ ଡେପୁଟି କମିଶନର ଅଂଶୁମାନ ରଥ କୁହନ୍ତି, ଆମେ ଦୁଇ ଦିନରେ ରେସିଡେନ୍ସିର ୨୫୦ଜଣଙ୍କର ସାମ୍ପଲ ଟେଷ୍ଟ କଲୁ। ବିଶେଷ କେହି ପଜିଟିଭ୍ ଥିବା ଜଣାପଡିଲେ ନାହିଁ। ତେଣୁ କିଛି ସର୍ତ୍ତାବଳୀ ରକ୍ଷା କରି ରେସିଡେନ୍ସିକୁ ଖୋଲିବାକୁ ଅନୁମତି ଦିଆଯାଇଛି ବୋଲି କହିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ରେସିଡେନ୍ସିରେ କେତେଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ତାହାର କୌଣସି ଉତ୍ତର ସେ ଦେଇ ନ ଥିଲେ। ଏବେ ବି ସେଠାରେ ସଂକ୍ରମିତମାନେ ରହୁଥିବାରୁ ବାହାର ଲୋକଙ୍କ ଅବାଧ ଯିବାଆସିବା ହେଲେ ସଂକ୍ରମଣ ବ୍ୟାପିଯିବାର ଆଶଙ୍କା ରହିଛି। ସ୍ଥିତି ବିଗିଡିଲେ ବିଏମ୍‌ସି ଏଥିପାଇଁ ଦାୟୀ ରହିବେ ବୋଲି କେତେଜଣ ବାସିନ୍ଦା କହିଛନ୍ତି।

## ଅଗ୍ନିକାଣ୍ଡ ମୁକାବିଲା: ୪୮କୋଭିଡ୍ ହସ୍ପିଟାଲ୍‌ରେ ୨୮୮ ଅଗ୍ନିଶମ କର୍ମଚାରୀ ନିୟୋଜିତ

**ଭୁବନେଶ୍ୱର,୨୬।୪(ବ୍ୟୁରୋ)**

କରୋନା ସଂକ୍ରମଣ ଭିତରେ ଏବେ ଦେଶର ବିଭିନ୍ନ ରାଜ୍ୟରେ ଥିବା କୋଭିଡ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ବହୁ ଜୀବନ ଯାଉଛି। ଓଡ଼ିଶାରେ ଏଭଳି ଅଗ୍ନିକାଣ୍ଡ ବିପତ୍ତିକୁ ଏଡ଼ାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରାଜ୍ୟର ୪୮ଟି କୋଭିଡ୍ ହସ୍ପିଟାଲ୍‌ରେ ୨୮୮ଜଣ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପ୍ରାଥମିକ ଅଗ୍ନିନିର୍ବାପକ ସରଞ୍ଜାମ ସହ ସେମାନେ ୩ଟି ସିଫ୍ଟରେ ୨୪ ଘଣ୍ଟା କାର୍ଯ୍ୟ କରୁଛନ୍ତି। କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଲେ ସେମାନେ ଆୟତ କରିବାକୁ ତୁରନ୍ତ ପଦକ୍ଷେପ ନେବା ସହ ନିକଟସ୍ଥ ଦମକଳ କେନ୍ଦ୍ରକୁ ଖବର ଦେବେ। ଏଥିସହିତ ନିୟମିତ ବ୍ୟବଧାନରେ ମକ୍‌ଡ୍ରିଲ୍ କରାଯାଇ ହସ୍ପିଟାଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ଅଗ୍ନିକାଣ୍ଡର ଉଚିତ୍ ମୁକାବିଲା ପାଇଁ ତାଲିମ୍ ଦିଆଯାଉଛି। ଅଗ୍ନିଶମ ବାହିନୀ ପକ୍ଷରୁ କୋଭିଡ୍ ମୁକାବିଲା ପାଇଁ ରାସାୟନିକ ଜଳ ମିଶ୍ରିତ ବିଶୋଧକ ସିଞ୍ଚନ କରାଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




ଭୁବନେଶ୍ୱରର ବସ୍ତି ତଥା ରାସ୍ତା କଡ଼ରେ ରହୁଥିବା ପିଲାଙ୍କୁ କୋଭିଡ୍ ଶିକ୍ଷା ସହ ସଚେତନତା ସୃଷ୍ଟି ପାଇଁ ସୋମବାରଠାରୁ ପରିକ୍ରମା କରିଥିବା ୩ଟି ରଥକୁ ଡିସିପି ଉମାଶଙ୍କର ଦାଶ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଅତିରିକ୍ତ ଡିସିପି ରାଜକିଶୋର ପାଇକରାୟ, ଏସିପି ମାନସ ରଞ୍ଜନ ଗଡ଼ନାୟକ, ଚାଇଲ୍ଡ ଲାଇନର ସଂଯୋଜକ ରୁଲିନା ପାତ୍ର, ସାମାଜିକ କର୍ମୀ ଘାସିରାମ ପଣ୍ଡା ଓ ଅନ୍ୟମାନେ। ଟୁରିଜମ ଫାଇନାନ୍ସ କର୍ପୋରେଶନ ଇଣ୍ଡିଆ, ରୁଚିକା ସାମାଜିକ ସେବା ସଂସ୍ଥା ଓ ଚାଇଲ୍ଡ ଲାଇନ ପକ୍ଷରୁ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି।

## ଶିଶୁ ପାର୍କ, ପ୍ରକଳ୍ପ ଲୋକାର୍ପିତ

**ଟାଙ୍ଗୀ, (କଟକ)୨୬।୪(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କନ୍ହେଇପୁର ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଭଗତପୁରଠାରେ ଏକ ଶିଶୁପାର୍କ ସମେତ ପ୍ରାୟ ୫୦ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାର୍କର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସରପଞ୍ଚ ସସ୍ମିତା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ମହିମା ସାଧୁ ଶୁକଦେବ ବାବା, ସମିତି ସଭ୍ୟ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଗରୁଡ଼ଗାଁ ସରପଞ୍ଚ ସୁବୋଧ ସାମଲ, ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ଯୁବନେତା ବାବୁଲି ସାହୁ, ପଞ୍ଚାୟତ ବିଜେଡ଼ି ସଭାପତି ପରମାନନ୍ଦ ନାୟକ ଓ ବୀରବର ବେଜ୍ ପ୍ରମୁଖ ଯୋଗଦେଇଥିଲେ ।

# ଜୀବିକା ମିଶନକୁ ଜିଲାପାଳଙ୍କ ଗୁରୁତ୍ୱ

**କଟକ ଅଫିସ,୨୬।୪**

କଟକ ଜିଲାରେ ଜୀବିକା ମିଶନର ସଫଳତା ଓ ଅଧିକ କର୍ମ ନିଯୁକ୍ତି ସୃଷ୍ଟି ନିମନ୍ତେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଓ ଜୀବିକା ମିଶନର ସଫଳତା ପାଇଁ ଉପଯୁକ୍ତ ସମନ୍ୱୟ ରକ୍ଷା ନିମନ୍ତେ ଗୁରୁତ୍ୱରୋପ କରିଥିଲେ। ଏଥିସହ ଗ୍ରାମାଞ୍ଚଳରେ ଲୋକମାନଙ୍କ ପାଇଁ ଅଧିକ କର୍ମ ନିଯୁକ୍ତି ସୃଷ୍ଟି ଉପରେ ଆଲୋଚନା କରିଥିଲେ। ଉକ୍ତ ପ୍ରସଙ୍ଗରେ ଜିଲାପାଳ ଚୟନୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ କୃଷି, ଉଦ୍ୟାନକୃଷି, ମତ୍ସ୍ୟଚାଷ, ଜଳ ଛାୟା ମିଶନ, ସମାଜ କଲ୍ୟାଣ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ଚଳିତ ଆର୍ଥିକ ବର୍ଷରେ ଜିଲାର ବିଭିନ୍ନ ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ କିପରି ସହଜରେ ଋଣ ପ୍ରଦାନ କରାଯିବ ଏବଂ ସେମାନଙ୍କୁ ଜୀବିକା ମିଶନ ଦ୍ୱାରା କିପରି ଅଧିକରୁ ଅଧିକ କାର୍ଯ୍ୟକ୍ଷମ କରାଯିବ ସେ ନେଇ ଆଗାମୀ ଦିନରେ ସମସ୍ତ ବିଡିଓଙ୍କ ସହ ଆଲୋଚନା କରାଯିବ। ଏଥିସହ ୫ଟି ଆଧାରରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ରମଣ ସ୍ଥିତି ଚିନ୍ତାଜନକ

**ଆଠଗଡ଼,୨୬।୪(ସ୍ୱ.ପ୍ର.)**

ଆଠଗଡ଼ ଏନ୍‌ଏସିରେ କରୋନା ସଂକ୍ରମଣ ସ୍ଥିତି ଚିନ୍ତାଜନକ ହୋଇପଡିଛି। ଏକ ସପ୍ତାହ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୫ରେ ପହଞ୍ଚିଛି। ସୋମବାର ଆଠଗଡ଼ ଏନ୍‌ଏସିରୁ ୨୮ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ହୋଇଥିବା ଆଣ୍ଟିଜେନ୍ ଟେଷ୍ଟରୁ ୨୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୬ ଜଣ ସଂକ୍ରମିତ ଥିବା ଜଣାପଡ଼ିଛି।

## କରୋନା ଟିକା ପାଇଁ ପାଟିତୁଣ୍ଡ



**କଟକ ସଦର,୨୬।୪(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ କିଶୋରନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର କରୋନା ଟିକା ନେବା ପାଇଁ ଅସମ୍ଭାଳ ଭିଡ ହୋଇଥିଲା। ଟିକା ନେବା ପାଇଁ ଜୋର୍‌ଜବରଦସ୍ତ କେତେଜଣ ଲୋକ ପାଟିତୁଣ୍ଡ କରୁଥିବା ଦେଖିବାକୁ ମିଳିଥିଲା। ପ୍ରବଳ ଖରା ସତ୍ତ୍ୱେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାମୁଣ୍ଡିଆ ଓ ପାନୀୟଜଳ ବ୍ୟବସ୍ଥା କରାଯାଇ ନ ଥିଲା। ଅନେକ ଲୋକ ଖରାରେ ଘଣ୍ଟା ଘଣ୍ଟା ଛିଡା ହୋଇ ଅଚେତ ହୋଇପଡିଥିଲେ। ସମସ୍ୟା ସମ୍ପର୍କରେ ମେଡିକାଲ ଅଫିସର ବ୍ରିଜୁ ମାରାଣ୍ଡି କହିଛନ୍ତି, ଟିକା ପାଇଁ ଠିକ୍ ବ୍ୟବସ୍ଥା କରାଯାଇଥିଲା। ମାତ୍ର କେତେଜଣ ଲୋକଙ୍କ ପାଇଁ ସବୁ ବ୍ୟବସ୍ଥା ଗଡ଼ବଡ଼ ହୋଇଯାଇଥିଲା।

# ୩ ଦୋକାନ ସିଲ୍, ୧୯, ୨୦୦ ଟଙ୍କା ଜରିମାନା ଆଦାୟ

### କୋଭିଡ୍ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗ

**କଟକ ଅଫିସ,୨୬।୪**

ସହରରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କରୋନା କଟକଣାକୁ କଡାକଡି କରାଯାଇଛି। ନିୟମ ଉଲ୍ଲଂଘନ କଲେ ଜରିମାନା ଆଦାୟ ସହ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କୋଭିଡ୍ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ସୋମବାର ନୟାସଡକସ୍ଥିତ ସନ୍ତୋଷୀ ଭଣ୍ଡାର ସିଲ୍ କରାଯାଇଛି । ସେହିପରି ମଧୁପାଟଣା ଥାନା ପକ୍ଷରୁ ନୂଆପଡାସ୍ଥିତ ଜଗନ୍ନାଥ ସ୍ନାକ୍ସ ଦୋକାନ ଏବଂ କଲ୍ୟାଣୀନଗର ସ୍ଥିତ ବିଶ୍ୱନାଥ ମିଷ୍ଟାନ୍ନ ଦୋକାନକୁ ବନ୍ଦ କରାଯାଇଛି। ଏଥିସହ ବକ୍ସିବଜାରଠାରେ ଥିବା ଦୁଇଟି ମଦଦୋକାନରୁ ୧୦ ହଜାର ଟଙ୍କା ଏବଂ ଗେଟ୍ ୱଲ ଔଷଧ ଦୋକାନରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପୋଲିସ ଓ ସିଏମ୍‌ସି ଅଧିକାରୀଙ୍କ ମିଳିତ ସହଯୋଗରେ ଚାନ୍ଦିନୀଚୌକ, ନୟାସଡକ, ଚୌଧୁରୀବଜାର, ଦରଘାବଜାର, ଗୌରୀଶଙ୍କର ପାର୍କ, ତିନିକୋଣିଆ ବଗିଚା, ବକ୍ସିବଜାର, ମିଶନରୋଡ, ମାତାମଠ ଅଞ୍ଚଳରେ ଥିବା ଦୋକାନରେ ଚଢାଉ କରାଯାଇଥିଲା। ତେବେ ଅମାନିଆଙ୍କଠାରୁ ୧୯,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ମାସ୍କ ନ ପିନ୍ଧିବା, ସାମାଜିକ ଦୂରତା ଏବଂ ନିୟମଠାରୁ ଅଧିକ ଲୋକଙ୍କ ଉପସ୍ଥିତି ଯୋଗୁ ବିଭିନ୍ନ ଦୋକାନ ଏବଂ ଅନୁଷ୍ଠାନରେ ଚଢାଉ କରାଯାଇଛି ବୋଲି ସିଏମ୍‌ସି ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସମୀର



@ ଲକ୍ଷ୍ମୀକାନ୍ତ



@ ରାକେଶ



@ ସୁଜିତ୍




@ ଟିଣ୍ଟୁ



@ ଉର୍ବଶୀ



@ ତୁଷାର

# ସାମଗ୍ରୀର ଗୁଣବତ୍ତା ନ ଥିଲେ ଦୋକାନୀ ଅର୍ଥ ଫେରାଇବେ

### ଜିଲା ଖାଉଟି ବିବାଦ ସମାଧାନ କମିଶନଙ୍କ ନିର୍ଦ୍ଦେଶ

**କଟକ ଅଫିସ, ୨୬।୪**

ଦୋକାନରୁ କୌଣସି ସାମଗ୍ରୀ ଥରେ କିଣାଗଲେ ତାହା ଫେରସ୍ତ କରାଯିବ ନାହିଁ କିମ୍ବା ବଦଳା ଯାଇପାରିବ ନାହିଁ ବୋଲି ଦୋକାନୀମାନଙ୍କ ମନି ରିସିପ୍ଟରେ ଉଲ୍ଲେଖ ରହିଛି। କିନ୍ତୁ କଟକ ଜିଲା ଖାଉଟି ବିବାଦ ସମାଧାନ କମିଶନଙ୍କ ଏକ ରାୟ ପରେ ଗ୍ରାହକମାନଙ୍କୁ ଏ ନେଇ ଆଶ୍ୱସ୍ତି ମିଳିଛି। କଟକ ଜିଲା ଖାଉଟି ବିବାଦ ସମାଧାନ କମିଶନ ସଭାପତି ଶର୍ମିଷ୍ଠା ନାୟକଙ୍କ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରି ଜଣେ ଦୋକାନୀଙ୍କୁ କ୍ରୟ କରାଯାଇଥିବା ସାମଗ୍ରୀର ମୂଲ୍ୟ ଫେରାଇବା ସହ କ୍ଷତିପୂରଣ ଓ ଆଇନଗତ ଖର୍ଚ୍ଚ ଦେବାପାଇଁ ଆଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଆଇନଜୀବୀ ଅରବିନ୍ଦ ପଟ୍ଟନାୟକ ଦୋଳମୁଣ୍ଡେଇସ୍ଥିତ ଓଁ ଶାଢ଼ି ମନ୍ଦିରରୁ ୫,୪୦୦ ଟଙ୍କାର ଏକ ଖଣ୍ଡୁଆ ପାଟ କିଣିଥିଲେ। ପାଟର ଗୁଣବତ୍ତା ଉତ୍ତମ ମାନର ନଥିବା ଦର୍ଶାଇବା ସହ ତାହାକୁ ବଦଳାଇ ନୂତନ ଲୁଗା ଦେବାକୁ ସେ ଦୋକାନୀଙ୍କୁ କହିଥିଲେ। ଦୋକାନୀ ଉତ୍ତମ ମାନର ଲୁଗା ନ ଦେଇ ପାରିବାରୁ ଅର୍ଥ ଫେରସ୍ତ କରିବାକୁ ଅରବିନ୍ଦ ଦାବି କରିଥିଲେ। ହେଲେ ସେ ଅର୍ଥ ଫେରାଇ ନ ଥିଲେ। ପରେ ଅରବିନ୍ଦ ଦୋକାନୀଙ୍କୁ ଏକ ଲିଗାଲ ନୋଟିସ୍ ଦେଇଥିଲେ। ଏହି ନୋଟିସ୍‌ର ଜବାବରେ ଦୋକାନୀ ଲେଖିଥିଲେ, ତାଙ୍କ ଦୋକାନରୁ ଥରେ ଜିନିଷ କିଣିଲେ ତାହା ଫେରସ୍ତ କିମ୍ବା ବଦଳାଯାଇ ପାରିବ ନାହିଁ। ଯାହା ତାଙ୍କର ମନିରିସିପ୍ଟରେ ଉଲ୍ଲେଖ କରାଯାଇଛି ବୋଲି ସେ ଦର୍ଶାଇଥିଲେ। ଏ ନେଇ ଅରବିନ୍ଦ କଟକ ଜିଲା ଖାଉଟି ବିବାଦ ସମାଧାନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି କମିଶନ ସଭାପତି ନାୟକ ଆବେଦନକାରୀଙ୍କ ଶାଢ଼ିର ମୂଲ୍ୟ ଫେରସ୍ତ କରିବା ସହ କ୍ଷତିପୂରଣ ବାବଦକୁ ୪୦,୦୦୦ ଟଙ୍କା ଓ ଆଇନ ସଙ୍ଗତ ଖର୍ଚ୍ଚ ବାବଦ ୧୦,୦୦୦ ଟଙ୍କା ଦେବାକୁ ଦୋକାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କର ଖାଉଟି ମନ୍ତ୍ରଣାଳୟ ପକ୍ଷରୁ ୨୨।୧୨।୧୯୯୯ର ନୋଟିଫିକେଶନ ଅନୁଯାୟୀ ମନି ରିସିପ୍ଟରେ ଏହା ଲେଖାଯିବା ଅନୁଚିତ। ଏ ପ୍ରକାର ଲେଖାଯିବା ଦ୍ୱାରା ଖାଉଟି ସୁରକ୍ଷା ଆଇନ ଧାରା ୧୪ର ନିୟମ ଉଲ୍ଲଂଘନ ହେଉଥିବା ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର,ମଙ୍ଗଳବାର, ଏପ୍ରିଲ୍ ୨୭, ୨୦୨୧

### ପୌରସଂସ୍ଥା କର୍ମଚାରୀ ପରିଚୟ ଦେଇ ଟଙ୍କା ଆଦାୟ

ପୁରୀ ଅଫିସ- ପୁରୀ ପୌରସଂସ୍ଥାର କର୍ମଚାରୀ କହି ଚାନ୍ଦା ଆଦାୟ କରିବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ନବକଳେବର ରୋଡ୍ ନିକଟର ବସନ୍ତ ଗୋଚ୍ଛାୟତ। ପୋଲିସ ଏ ନେଇ ନଂ. ୧୩୫/୨୧ରେ ମାମଲା ରୁଜୁ କରିଛି । ପୋଲିସ ଅଭିଯୁକ୍ତଠାରୁ ଏକ ସ୍କୁଟି, ପୌରସଂସ୍ଥାର ଜାଲି ରସିଦ ଏବଂ ୨୭୦ ଟଙ୍କା ଜବତ କରିଛି। ବଡ଼ଶଙ୍ଖ ପରିବା ବଜାରରେ ବସନ୍ତ ନିଜକୁ ପୌରସଂସ୍ଥାର କର୍ମଚାରୀ କହି ଦୋକାନୀମାନଙ୍କଠାରୁ ଟଙ୍କା ଆଦାୟ କରିଥିଲା। ପରେ ଯେତେବେଳେ ପୌରସଂସ୍ଥାର କର୍ମଚାରୀ ମାନେ ଆସି ଦୋକାନୀଙ୍କୁ ଟିକସ ଟଙ୍କା ମାଗିଥିଲେ। ସେମାନେ ପୂର୍ବରୁ ଦେଇଛନ୍ତି ବୋଲି କହିଥିଲେ। ଫଳରେ ପୌରସଂସ୍ଥାର କର୍ମଚାରୀମାନେ ଜଗି ଧରିଥିଲେ ।






୨୬.୦୪.୨୦୨୧

| ୧୪୩୯ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ସଂକ୍ରମଣ ୨୦୦୦ ଟପିଲା

**ପୁରୀ ଅଫିସ,୨୬।୪:**

■ ଲାଗୁ ହେଲା ଶ୍ରୀମନ୍ଦିର, ସ୍ୱର୍ଗଦ୍ୱାରରେ କଟକଣା
■ ସେବାୟତଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା

ପୁରୀ ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ସୋମବାର ସୁଦ୍ଧା ୨୦୦୦ ଟପିଯାଇଛି। ଗତ କିଛିଦିନ ହେବ ପୁରୀର ବିଭିନ୍ନ ଅଞ୍ଚଳରୁ ସଂକ୍ରମିତ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ପ୍ରଶାସନ ପକ୍ଷରୁ କଡ଼ା କଟକଣା କରାଯାଇଛି। ଅନ୍ୟପଟେ ଶ୍ରୀମନ୍ଦିର ଓ ସ୍ୱର୍ଗଦ୍ୱାରରେ ସୋମବାର ବିଧିବଦ୍ଧ ଭାବେ ନୂଆ କଟକଣା ଜାରି ହୋଇଛି। ଶ୍ରୀମନ୍ଦିରରେ ମେ ୧୫ ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ହୋଇଥିବା ବେଳେ ସ୍ୱର୍ଗଦ୍ୱାରରେ ଜିଲା ବାହାର ଲୋକଙ୍କୁ ଶବଦାହ ବାରଣ କରାଯାଇଛି। ଅକ୍ଷୟ ତୃତୀୟା ପର୍ବ ଓ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଥିବାରୁ ଏହାପୂର୍ବରୁ ଜିଲାରେ ସଂକ୍ରମିତ ସଂଖ୍ୟା ରୋକିବା ଓ ସେବାୟତଙ୍କୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଦ୍ୱାର ବନ୍ଦ ରହିଥିଲେ ମଧ୍ୟ ଭକ୍ତ ବ୍ୟାରିକେଡ ପାଖରେ ରହି ପତିତପାବନ ଦର୍ଶନ କରିପାରିବେ। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ସେବାୟତମାନେ ସଂକ୍ରମଣର ଶିକାର ହେଲେ ମହାପ୍ରଭୁଙ୍କ ନୀତିକାନ୍ତିରେ ସମସ୍ୟା ଦେଖାଯାଇପାରେ। ତେଣୁ ସେବାୟତ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ଏକ କୋଭିଡ୍ କେୟାର ସେଣ୍ଟର ନୀଳାଚଳ ଭକ୍ତ ନିବାସରେ ରହିଛି। ଏକ ଆମ୍ବୁଲାନ୍ସ, ଡାକ୍ତର ରଖାଯାଇଥିବାବେଳେ ସେବାୟତଙ୍କ ଟେଷ୍ଟିଂ ଓ ଭାକ୍ସିନେସନ୍ ପାଇଁ ମଧ୍ୟ ସ୍ୱତନ୍ତ୍ର ସେଣ୍ଟର କାର୍ଯ୍ୟକାରୀ ହୋଇଛି। ସମସ୍ତ ସେବାୟତଙ୍କ ଭାକ୍ସିନେସନର ୨ ଡୋଜକୁ ଶେଷ କରିବା ପାଇଁ ପ୍ରଶାସନ ଉଦ୍ୟମ କରିଛି। ଅନ୍ୟପଟେ ଆଇଡିଏଚ୍ ହସ୍ପିଟାଲ୍‌ରେ ରବିବାର ୪ଜଣଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ କୋଭିଡଜନିତ କି ନୁହେଁ ତାହା ଜାଣିବା ପାଇଁ ଏକ ଡାକ୍ତରୀ ଟିମ୍‌କୁ ନିଯୁକ୍ତ କରାଯାଇଛି। ବର୍ତ୍ତମାନ ଆଇଡିଏଚ୍ ଆଇସିୟୁରେ ୧୫ଟି ଶଯ୍ୟା ରହିଥିବା ବେଳେ ପ୍ରତିଦିନ ୪ରୁ ୫ଜଣ ଆଇସିୟୁରେ ରହୁଛନ୍ତି। ପୁରୀରେ ଶଯ୍ୟା ସଂଖ୍ୟାକୁ ନେଇ ଜିଲାପାଳ କହିଛନ୍ତି, ବର୍ତ୍ତମାନ ଜିଲାରେ ଶଯ୍ୟାର ଅଭାବ ନାହିଁ। ଲୋକେ ଭୟଭୀତ ହୋଇ ହସ୍ପିଟାଲରେ ଭର୍ତ୍ତି ହେବାକୁ ଚାହିଁଲେ ଶଯ୍ୟା ଅଭାବ ସ୍ଥିତି ଦେଖାଯାଇପାରେ। ଏଥିପାଇଁ ଏସ୍‌ଓପି ପ୍ରସ୍ତୁତ କରାଯାଇଛି। ରୋଗୀଙ୍କ ଗୁରୁତ୍ୱ ଦେଖି ହସ୍ପିଟାଲରେ ଭର୍ତ୍ତି କରାଯିବ। ଅନ୍ୟପକ୍ଷରେ ଭାକ୍ସିନେସନ୍ ଏବେ ଏକ ଜାତୀୟ ପ୍ରସଙ୍ଗ। ଜିଲାରେ ଯେତେ ଭାକ୍ସିନ୍ ପହଞ୍ଚିବ, ତଦନୁଯାୟୀ ଆବଣ୍ଟନ ଜାରି ରହିବ। ଆବଶ୍ୟକତା ଅନୁଯାୟୀ ଆବଣ୍ଟନ ଓ ଟିକାକରଣ ଉପରେ ଗୁରୁତ୍ୱ ଦିଆଯିବ।



ନିମାପଡାରେ ବିଡିଓ ମନୋଜ କୁମାର ବେହେରା ଡାକବାଜି ଯନ୍ତ୍ରରେ ସଚେତନ କରୁଛନ୍ତି।

## ସଚେତନତା ବାର୍ତ୍ତା ବାଣ୍ଟିଲେ ବିଡିଓ

**ନିମାପଡ଼ା,୨୬।୪(ଡି.ଏନ୍.ଏ.):**

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ି ଚାଲିଛି। ସଂକ୍ରମଣ ରୋକିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେବା ସହ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ସୋମବାର ପୁରୀ ଜିଲା ନିମାପଡ଼ା ବ୍ଲକ ବିଡିଓ ମନୋଜ କୁମାର ବେହେରା ଅଟୋରେ ଯାଇ ବଜାରର ବିଭିନ୍ନ ଛକରେ ପଥପ୍ରାନ୍ତ ମାଧ୍ୟମରେ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ। ମାସ୍କ ପରିଧାନ, ସାମାଜିକ ଦୂରତ୍ୱ, ଗ୍ରାହକଙ୍କୁ ହୋଟେଲରେ ଖାଇବାକୁ ନ ଦେଇ ପାର୍ସଲ ଦେବା, ବଜାରରେ ଅଯଥା ଗହଳି ନ କରିବା ପାଇଁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କଲେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ବେହେରା କହିଛନ୍ତି। ବିଡିଓଙ୍କ ଏହି ଅଭିନବ ସଚେତନତାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। କୋଭିଡ୍ ମୁକାବିଲା ପାଇଁ ଜନସାଧାରଣ ପ୍ରଶାସନକୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଗଛରୁ ପଡ଼ି ଜଣେ ମୃତ

ପୁରୀ ଅଫିସ ୨୬।୪- ପୁରୀ ସଦର ଥାନା ଅନ୍ତର୍ଗତ କପିଳେଶ୍ୱରପୁର ଗ୍ରାମର ଜଣେ ବ୍ୟକ୍ତି ଗଛରୁ ପଡ଼ି ସୋମବାର ମୃତ୍ୟୁ କରିଛନ୍ତି। ସେ ହେଲେ ଏହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ। ସୂଚନା ଅନୁଯାୟୀ, ପୂର୍ଣ୍ଣ ସକାଳେ ତାଙ୍କର ବାଡ଼ିରେ ଥିବା ନଡ଼ିଆ ତୋଳିବା ପାଇଁ ଗଛରେ ଚଢ଼ିଥିଲେ। ତେବେ ହଠାତ ଭାରସାମ୍ୟ ହରାଇ ଗଛରୁ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକ ଏବଂ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### କ୍ଲଷ୍ଟର ଅସ୍ଥାୟୀ ମେଡିକାଲ ସେଣ୍ଟର ପାଇଁ ବୈଠକ

କାକଟପୁର,୨୬।୪(ଡି.ଏନ.ଏ.)- କାକଟପୁର ବ୍ଲକ ପ୍ରଶାସନ ପକ୍ଷରୁ କୋଭିଡ୍‌ର ୨ୟ ଲହରକୁ ଲକ୍ଷ୍ୟ ରଖି ଆଗୁଆ ପ୍ରତିକାର ପଦକ୍ଷେପ ଭାବେ ୫ଟି ଅସ୍ଥାୟୀ ମେଡିକାଲ ସେଣ୍ଟର ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ନେଇ ବିଡିଓ ସୁଧୀର କୁମାର ନାୟକଙ୍କ ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାକଟପୁର ତହସିଲଦାର ବିରଞ୍ଚିନାରାୟଣ ବେହେରା, ଆୟୁଷ ଡା. ଶୁଭେନ୍ଦୁ ସେନାପତି, ଡା. ଅମିତ ଉପାଧ୍ୟାୟ, ସହକାରୀ ଯନ୍ତ୍ରୀ ରମେଶଚନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ସୁବ୍ରତ ବାରିକ ଓ ସୁଶାନ୍ତ ମହାପାତ୍ର, ଗ୍ରାମପଞ୍ଚାୟତ ଅଧିକାରୀ ସୁବ୍ରତ ପରିଡ଼ା, ବ୍ଲକ ଶିକ୍ଷାଧିକାରୀ, ବ୍ଲକ ଶିଶୁ ବିକାଶ ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ। କଟକଣା କନ୍ଦଳପୁର ପଞ୍ଚାୟତରେ ଥିବା ଗାର୍ଲସ ହରିଜନ ଆଦିବାସୀ ହଷ୍ଟେଲ, କୁଣ୍ଢେଇ ପଞ୍ଚାୟତର ହରିଦାସପୁର, କୁରୁଜଙ୍ଗ ପଞ୍ଚାୟତର ଆଡୁଆଳ, ଜଳେଶରପଡ଼ା ପଞ୍ଚାୟତର ଶୁକପୋଖରୀ ଓ ସୁହାଗପୁର ପଞ୍ଚାୟତରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ଅସ୍ଥାୟୀ ମେଡିକାଲ ସେଣ୍ଟର କରାଯିବାର ବ୍ୟବସ୍ଥା କରାଗଲା। ଏହି କେନ୍ଦ୍ରଗୁଡିକରେ ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯିବା ସହ ସ୍ଥାନୀୟ ଅଞ୍ଚଳର ଯେଉଁ କୋଭିଡ୍ ପଜିଟିଭମାନଙ୍କର ହୋମ ଆଇସୋଲେସନ ସୁବିଧା ନ ଥିବ ସେମାନଙ୍କୁ ଏହି କେନ୍ଦ୍ରଗୁଡିକରେ ରଖାଯାଇ ଚିକିତ୍ସା କରାଯିବ ବୋଲି ବି ଡି ଓ ନାୟକ ପ୍ରକାଶ କରିଛନ୍ତି।

### ଶିକ୍ଷାବିତ୍‌ଙ୍କ ପରଲୋକ

ସାକ୍ଷୀଗୋପାଳ,୨୬।୪(ସ୍ୱ.ପ୍ର.): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଡାହାଣ କୁମ୍ଭାରପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଭାକର ବରାଳ(୫୨)ଙ୍କ ହୃଦଘାତରେ ପରଲୋକ ଘଟିଛି। ସେ ଗଣ ଶିକ୍ଷକଭାବେ ଉକ୍ତ ଅନୁଷ୍ଠାନରେ ଶିକ୍ଷକତା କରୁଥିଲେ। ସେ ଜଣେ ଛାତ୍ରଛାତ୍ର ବତ୍ସଳ ଶିକ୍ଷକଭାବେ ଅଞ୍ଚଳର ବେଶ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାକ୍ଷୀଗୋପାଳ ଶିକ୍ଷକ ମହଲ ଗଭୀର ଶୋକ ପ୍ରକାଶ କରିବା ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦିଆଯାଇଥିବା ଶିକ୍ଷକ ସୁନୀଲ ବେହେରା ଓ ସୋମନାଥ ନନ୍ଦ କହିଛନ୍ତି।




ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ସୋମବାର ଛାତ୍ରୀଛାତ୍ରମାନେ ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି ।

## ୧୫ ଯାଏ ସାକ୍ଷୀଗୋପାଳ ମନ୍ଦିର ଦର୍ଶନ ବନ୍ଦ

**ସାକ୍ଷୀଗୋପାଳ,୨୬।୪ (ଡି.ଏନ.ଏ.)**

ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ ଓ ବିଡିଓ କ୍ଷୀରୋଦ କୁମାର ବେହେରା ସୋମବାର ସନ୍ଧ୍ୟାରେ ମନ୍ଦିର ପ୍ରଶାସନକୁ ପତ୍ର ଦ୍ୱାରା ନିର୍ଦ୍ଦେଶ ଦେଇଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡିଛି। ରାଜ୍ୟରେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧିପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ପ୍ରବଚକ ରାମଦାସଙ୍କ ବିରୋଧରେ ଅଭିଯୋଗ

**ପୁରୀ ଅଫିସ,୨୬।୪:**

ପ୍ରବଚକ ଚାରଣ ରାମଦାସ ଠାକୁରଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇଥିବା ପ୍ରତିବାଦରେ ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ପକ୍ଷରୁ ପୁରୀ ସିଂହଦ୍ୱାର ଥାନାରେ ଏକ ଅଭିଯୋଗ ହୋଇଛି। ଏହାସହ ପ୍ରବଚକଙ୍କ ବିରୋଧରେ ବିକ୍ଷୋଭ କରାଯାଇଛି। ପ୍ରବଚକ ରାମଦାସ ଘରୋଇ ଚ୍ୟାନେଲରେ ପ୍ରବଚନ ଦେବା ସମୟରେ ଭଗବାନ ବିଷ୍ଣୁ ଓ ନାରଦଙ୍କ ପ୍ରତି କଟୁ ଓ ଅଶାଳୀନ ମନ୍ତବ୍ୟ ରଖିଛନ୍ତି। ଏଣୁ ତାଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ପକ୍ଷରୁ ଦାବି ରଖାଯାଇଛି। ଏ ନେଇ ପରିଷଦର ଉପଦେଷ୍ଟା କହିଛନ୍ତି, ରାମନବମୀ ଦିନ ଘରୋଇ ଚ୍ୟାନେଲରେ ଚାରଣ ରାମଦାସଙ୍କର ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଶ୍ରୀବିଷ୍ଣୁଙ୍କୁ ହାରମଜାଦା ଓ ନାରଦ ଜିନ୍ସ ପ୍ୟାଣ୍ଟ ପିନ୍ଧୁଥିବା କଥା କହିଛନ୍ତି। ଏସବୁ ସନାତନ ସଂସ୍କୃତିରେ ଏକ ପ୍ରବଚକଙ୍କ ମୁଖରେ ଏଭଳି ଆଚରଣ ଶୋଭା ଦେଉନାହିଁ। ରାମଦାସଙ୍କର ଏଭଳି ଆଚରଣ ବିରୋଧରେ ସାରା ରାଜ୍ୟର ବିଭିନ୍ନ ଥାନାରେ ଏ ନେଇ ଏତଲା ଦିଆଯିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପ୍ରବଚକ ଭାବେ ତାଙ୍କର ଦାୟିତ୍ୱବୋଧ ରହିବାର ଆବଶ୍ୟକତା ରହିଛି ଓ ତାଙ୍କର ଏହି ଅକ୍ଷମଣୀୟ ଭୁଲ ପାଇଁ ତାଙ୍କୁ ଗିରଫ କରାଯାଉ ବୋଲି ପରିଷଦ କହିଛି।

## ଯୁବ ଆଇନଜୀବୀ ସଂଘ ପକ୍ଷରୁ ବିକ୍ଷୋଭ

**ପୁରୀ ଅଫିସ,୨୬।୪**

ଜିଲା ଓକିଲ ସଂଘ ସଭାପତିଙ୍କୁ ପୋଲିସର ଦୁର୍ବ୍ୟବହାରକୁ ନିନ୍ଦା କରିବା ସହ ଅନ୍ୟ ଜଣେ ଆଇନଜୀବୀଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିକରି ସୋମବାର ପୁରୀ ଜିଲା ଯୁବ ଆଇନଜୀବୀ ସଂଘ ପକ୍ଷରୁ କଚେରି ଛକରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଛି। ଆଇନଜୀବୀ ତପନ କୁମାର ବାରିକଙ୍କ କହିବା ଅନୁଯାୟୀ, ଗତ ଶୁକ୍ରବାର ଅଠରନଳା ନିକଟରେ ପୁରୀ ବାର୍ ଆସୋସିଏଶନ୍‌ର ଆଇନଜୀବୀ ରଞ୍ଜିତ ପରିଡାଙ୍କୁ ଜଣେ ଅଭିଯୁକ୍ତ ଆକ୍ରମଣ କରିଥିଲେ। ଏ ନେଇ ପୁରୀ ଓକିଲ ସଂଘ ପକ୍ଷରୁ ରାତିରେ ଥାନାରେ ଅଭିଯୋଗ ହୋଇଥିଲା। ଏତଲାକୁ ୪୮ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏ ସମ୍ପର୍କରେ ପୋଲିସକୁ ପଚାରିବାରେ ଅଭିଯକ୍ତଙ୍କୁ କୋଭିଡ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ ବୋଲି କହିଥିଲେ। ସେହିପରି ସୋମବାର ଜିଲା ଓକିଲ ସଂଘ ସମ୍ମୁଖରେ ୨ ଜଣ ମୁଦାଲାଙ୍କୁ ପୋଲିସ ଜବରଦସ୍ତି ନେଇଯାଉଥିବା ବେଳେ ବାର୍ ଆସୋସିଏଶନ ସଭାପତି ଭଗବାନ ମିଶ୍ର ଏହାର ବିରୋଧ କରିଥିଲେ। ଏଥିରେ ପୋଲିସ ତାଙ୍କୁ ଧକ୍କା ଦେଇ ଦୁର୍ବ୍ୟବହାର କରିଥିଲେ। ଯାହା ଦୁର୍ଭାଗ୍ୟର ବିଷୟ ବୋଲି ସଂଘ କହିଛି। ତେଣୁ ଏଥିପାଇଁ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ପ୍ରଶାସନ ତୁରନ୍ତ ନିଲମ୍ବନ କରନ୍ତୁ ବୋଲି ଯୁବ ଆଇନଜୀବୀ ସଂଘ ଦାବି କରିଛି।

## ଏସ୍‌ସିଏସ୍ କଲେଜର ପୂର୍ବତନ ଉପାଧ୍ୟକ୍ଷ ଡ. ହରିହର ମିଶ୍ରଙ୍କ ପରଲୋକ

**ପୁରୀ ଅଫିସ, ୨୬।୪**

ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ଡ. ହରିହର ମିଶ୍ର(୭୦)ଙ୍କ ସୋମବାର ପରଲୋକ ହୋଇଛି। ସେ ବାର୍ଦ୍ଧକ୍ୟ ରୋଗରେ ଗତ କିଛିଦିନ ଧରି ଅସୁସ୍ଥ ହୋଇପଡ଼ିଥିଲେ। ରବିବାର ଗୁରୁତର ହେବାରୁ ପୁରୀ ବଡ ଡାକ୍ତରଖାନା ନିଆଯାଇଥିବାବେଳେ ଚିକିତ୍ସାବେଳେ ଶେଷ ତ୍ୟାଗ କରିଛନ୍ତି। ତାଙ୍କୁ ନିଜ ଗାଁ ପୁରୀ ବିରନରସିଂହପୁରରେ ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ପୁତ୍ର ଆଇନଜୀବୀ ସୂର୍ଯ୍ୟକାନ୍ତ ମିଶ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ସମୟରେ ତାଙ୍କ ନିକଟରେ ସ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କ୍ଷେତ୍ରମଣୀ ଦେବୀ, ଝିଅ ସ୍ୱାଗତିକା ମିଶ୍ର, ଜ୍ୱାଇଁ ପ୍ରଫେସର ବିଧାନ ଦାଶ ଏବଂ ବୋହୁ ବିନିତା ମିଶ୍ର ଉପସ୍ଥିତ ଥିଲେ।

## ଶୁକଳରେ ଖୋଲିଲା କୋଭିଡ୍ ଟିକା କେନ୍ଦ୍ର

**ସାକ୍ଷୀଗୋପାଳ,୨୬।୪(ଡି.ଏନ୍.ଏ)**

ସତ୍ୟବାଦୀ ବ୍ଲକର ଶୁକଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାରଠାରୁ କୋଭିଡ୍ ପ୍ରତିଷେଧକ ଟିକାକରଣ କେନ୍ଦ୍ର ଖୋଲାଯାଇଛି। ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱରଞ୍ଜନ ମିଶ୍ର ଟିକାକରଣ କେନ୍ଦ୍ର ଉନ୍ମୋଚନ କରିଥିଲେ।

## ବଜାର ସ୍ଥିତି ପରଖିଲେ ଜିଲାପାଳ

**ପୁରୀ ଅଫିସ, ୨୬।୪**

ଜିଲାରେ ଧୀରେ ଧୀରେ କରୋନା ସଂକ୍ରମଣ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଅଧିକାଂଶ ପୁରୀ ସହରରୁ ଚିହ୍ନଟ ହେବା ପ୍ରଶାସନ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଏଥିପାଇଁ ସହରରେ ଥିବା ପରିବା ମାର୍କେଟ ଉପରେ ତୀକ୍ଷ୍ଣ ନଜର ରଖିଛି ପ୍ରଶାସନ। ବଜାର, ହାଟଗୁଡ଼ିକରେ ଦୋକାନୀ ଓ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁ ନ ଥିବାରୁ ସୋମବାର ଜିଲାପାଳ ସମର୍ଥ ବର୍ମା ଓ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଦାସ ବିଭିନ୍ନ ବଜାର, ହାଟ ବୁଲି ସ୍ଥିତି ପରଖିଛନ୍ତି। ସଚେତନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସହରରର ବିଭିନ୍ନ ପରିବା ବଜାର ଯଥା ବଡଶଙ୍ଖ ପରିବା ବଜାର, ଲକ୍ଷ୍ମୀ ବଜାର ମାର୍କେଟ ଛକ, ମଙ୍ଗଳାହାଟ, ବାଲିଘାଟ ପରି ବଡ ବଡ ପରିବା ମାର୍କେଟରେ ଜଣେ ଗ୍ରାହକଙ୍କଠାରୁ ଅନ୍ୟ ଜଣେ ଗ୍ରାହକ ମଧ୍ୟରେ ୨ଫୁଟ ଦୂରତା ରକ୍ଷା ପାଇଁ ଧଳା ଚିହ୍ନ ଦିଆଯାଇଛି। ମୁଖ୍ୟତଃ ବଡ଼ଶଙ୍ଖଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଧଳା ଗାର ଦିଆଯାଇଛି। ଏହି ଚିହ୍ନ ମଧ୍ୟରେ ବ୍ୟବସାୟୀମାନେ ବସି ବ୍ୟବସାୟ କରିବେ। ଗ୍ରାହକଙ୍କୁ ସାମାଜିକ ଦୂରତ୍ୱ ରକ୍ଷାକରି ସାମଗ୍ରୀ ବିକିବେ। ଯେଉଁ ବ୍ୟବସାୟୀ କିମ୍ବା ଗ୍ରାହକ ନିୟମ ଉଲ୍ଲଂଘନ କରିବେ ସେମାନଙ୍କ ନିକଟରୁ ଫାଇନ ଆଦାୟ କରାଯିବ ବୋଲି ପ୍ରଶାସନ ସୂଚନା ଦେଇଛି। ଗତବର୍ଷ କରୋନା ସମୟରେ ପ୍ରଶାସନ ପକ୍ଷରୁ ଏପରି ଗାର ଦିଆଯାଇଥିଲା। ଜିଲାପାଳ ସମୀକ୍ଷା କରିବାବେଳେ ଦୋକାନୀମାନଙ୍କୁ ମାସ୍କ ପିନ୍ଧିବା ସହ ଗ୍ରାହକଙ୍କୁ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ କହିଥିଲେ।



## ଶ୍ରମିକ ବଦଳରେ କାମ କରୁଛି ମେଶିନ

**ଗୋପ,୨୬।୪(ଡି.ଏନ.ଏ.)**

■ ଶ୍ରମିକ ଜବ୍‌କାର୍ଡ ବନ୍ଧା ପଡ଼ିଛି
■ ଅଭିଯୋଗ ସତ୍ତ୍ୱେ ନିଆଯାଉନି କାର୍ଯ୍ୟାନୁଷ୍ଠାନ

ସରକାର ଗ୍ରାମାଞ୍ଚଳରେ ରହିଥିବା ଶ୍ରମିକଙ୍କ ପେଟକୁ ଖାଦ୍ୟ ଯୋଗାଇ ଦେବା ଲାଗି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ଗୋପ ବ୍ଲକର ଏରବଙ୍ଗ ପଞ୍ଚାୟତରେ ତା'ର ବ୍ୟତିକ୍ରମ ଦେଖା ଦେଇଛି। ଏହି ପଞ୍ଚାୟତର ଅନେକ ଗାଁରେ ଲକ୍ଷ ଟଙ୍କାର ପୋଖରୀ, ଗାଁ ରାସ୍ତା, ଶ୍ମଶାନ ସହିତ ଅନ୍ୟାନ୍ୟ କାର୍ଯ୍ୟ ହେଉଛି। ହେଲେ ଏହି ନିର୍ମାଣ କାର୍ଯ୍ୟ ଶ୍ରମିକ ବଦଳରେ ଜେସିବି ମେଶିନ କରୁଛି। ଏହି ପଞ୍ଚାୟତରେ ଶହ ଶହ ଧନୀ, ସରକାରୀ ଚାକିରିଆଙ୍କୁ ଜବକାର୍ଡରେ ସାମିଲ କରାଯାଇଥିବା ବେଳେ ପ୍ରକୃତ ଶ୍ରମିକଙ୍କୁ ବାଦ କରାଯାଇଥିବା ଅଭିଯୋଗ ରହିଛି। ପଞ୍ଚାୟତରେ ଏହି ସବୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ଜବ୍ କାର୍ଡ ନିଆ ଯାଇ ଜାଲ କରାଯାଉଛି। ସରକାରୀ ସ୍ତରରେ ଏଭଳି ମନଇଚ୍ଛା ପ୍ରକଳ୍ପ କାର୍ଯ୍ୟ କରାଯାଇ ଲକ୍ଷ ଲକ୍ଷ ଟଙ୍କାର ବିଲ୍ ହେଉଛି। ଏବେ ତରଙ୍ଗିରା ଗ୍ରାମରେ ଥିବା ପୁରୁଣା ଦଳ ପୋଖରୀକୁ ଖୋଳାଯାଉଥିବା ବେଳେ ଅନ୍ୟପଟେ ଖେଳପଡ଼ିଆରେ ମଧ୍ୟ ମାଟି ପକାଯିବା କାମ ଓ ଆଉ କେତେକ ଗ୍ରାମରେ ପକ୍କା ରାସ୍ତା କରାଯିବାର ଯୋଜନା କରାଯାଇଛି। ଏପରି ଜେସିବି ମେଶିନ ଦ୍ୱାରା ଖୋଳା ଯାଉଥିବା ଅଭିଯୋଗ ବିଡିଓ ଦୀପ୍ତିରାଣୀ ଦାସଙ୍କ ନିକଟରେ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନାହିଁ। ଏ ନେଇ ବିଡିଓଙ୍କୁ ପଚାରି ବାରେ ଅଭିଯୋଗ ହୋଇଛି। ଯଦି ଜେସିବି ମେଶିନ ଦ୍ୱାରା କାମ କରାଯାଉଅଛି ତା'ହେଲେ ବିଲ୍ ବନ୍ଦ କରାଯିବ ବୋଲି କହିଛନ୍ତି।

## କୋଭିଡ୍ ନିୟମ ଉଲ୍ଲଂଘନ, ଦୋକାନ ସିଲ୍

**ବଳଙ୍ଗା/ପିପିଲି/ଡେଲାଙ୍ଗ, ୨୬।୪(ଡି.ଏନ.ଏ.)**

ବଳଙ୍ଗା ବଜାର ଏବଂ ସାପ୍ତାହିକ ହାଟରେ କୋଭିଡ୍ କଟକଣା ଅଣଦେଖା ହେଉଥିବା ଅଭିଯୋଗ ହୋଇ ଆସୁଅଛି। ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱ ରକ୍ଷା ଦିଗରେ ଜନସାଧାରଣ ସଚେତନତା ରହୁ ନ ଥିବାରୁ ସୋମବାର ନିମାପଡ଼ା ତହସିଲଦାର ରାମଚନ୍ଦ୍ର ଜେନା ବଳଙ୍ଗା ବଜାର ପରିସ୍ଥିତିତନଖି କରିଥିଲେ। କୋଭିଡ ନିୟମ ମାନି ନ ଥିବା ଅଭିଯୋଗରେ ୨ଟି ତେଜରାତି ଓ ଗୋଟିଏ ଚା' ଦୋକାନ ସିଲ କରିଛନ୍ତି। ଏହି ସମୟରେ ବଳଙ୍ଗା ଥାନାଧିକାରୀ ସମରେନ୍ଦ୍ର ପାଇକରାୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିଭଳି ପିପିଲି ମୁଖ୍ୟ ବଜାର୍‌ରେ ଥିବା ସିଦ୍ଧେଶର ଜୁଏଲାରୀ ଏବଂ ପୂର୍ଣ୍ଣିମା ଗ୍ଲୋସରି ଦୋକାନରେ ଅସମ୍ଭାଳ ଭିଡ଼ ସହ କେହି ମାସ୍କ ବ୍ୟବହାର କରି ନ ଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପଣ୍ଡା ଏବଂ ଏସ୍‌ଆଇ ସୁରମା ସ୍ୱାଇଁ ସେଠାରେ ପହଞ୍ଚି ୨ ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସିଲ୍ କରିଛନ୍ତି। ଏହାସହ ଜନସାଧାରଣଙ୍କୁ କରୋନା ପାଇଁ ସଚେତନ କରାଉଥିବା ବେଳେ ଅମାନିଆଙ୍କଠାରୁ ଫାଇନ ଆଦାୟ ହେଉଥିଲେ। ସେହିପରି ଡେଲାଙ୍ଗ ଷ୍ଟେଶନ ବଜାର, ବେରବୋଇ ବଜାର, ଡେଲାଙ୍ଗ ହାଟ ଅଞ୍ଚଳରେ କୋଭିଡ୍ କଟକଣା ଉଲ୍ଲଂଘନ କରିଥିବାରୁ ତହସିଲଦାର ମହେନ୍ଦ୍ର କୁମାର ବଡେଇ, ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ୩ଟି ଦୋକାନ ସିଲ୍ କରିଛନ୍ତି।

## କରୋନାବେଳେ ମିଳିନି ରାଶନ

**ପୁରୀ ଅଫିସ,୨୬।୪:**

■ ୩ ଦିନ ମଧ୍ୟରେ ଦିଆଯିବା ପାଇଁ ପ୍ରତିଶ୍ରୁତି
■ ଅଫ୍‌ଲାଇନ ପ୍ରକ୍ରିୟା ଯୋଗୁ ଦ୍ୱନ୍ଦ୍ୱ ସୃଷ୍ଟି

 କରୋନା ସମୟରେ ଗରିବ ଲୋକଙ୍କୁ ସହାୟତା କରିବା ପାଇଁ ସରକାର ରାଶନ ପ୍ରଦାନ କରୁଛନ୍ତି। ହେଲେ ପୁରୀ ଜିଲାରେ ଦିନେ କି ୨ଦିନ ନୁହେଁ ପ୍ରାୟ ମାସକର ରାଶନ ହିତାଧିକାରୀଙ୍କୁ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ପୁରୀ ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫୨୨ଟି କାର୍ଡଧାରୀଙ୍କୁ ଏପ୍ରିଲ ମାସର ରାଶନ ମିଳି ନାହିଁ। ଏହାକୁ ନେଇ କାର୍ଡଧାରୀ ସୋମବାର ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଯୋଗାଣ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୋଭିଡ୍ ଭଳି ଯୁଦ୍ଧକାଳୀନ ସ୍ଥିତିରେ ରାଶନ ନ ମିଳିବାକୁ ପ୍ରଶାସନର ଦାୟିତ୍ୱହୀନତା ବୋଲି କୁହାଯାଇଛି।

ପ୍ରତି ମାସ ଶୀଘ୍ର ରାଶନ୍ ମିଳୁଥିଲେ ମଧ୍ୟ ଏପ୍ରିଲ ୨୫ ତାରିଖ ଅତିକ୍ରମ ହୋଇ ସାରିଥିଲେ ମଧ୍ୟ ଲୋକଙ୍କୁ ରାଶନ ମିଳିପାରି ନାହିଁ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଅନୁଯାୟୀ ରାଶନ ଯୋଗ୍ୟ ବ୍ୟକ୍ତିଙ୍କୁ ଚାଉଳ ମିଳିଥାଏ। ଏହାକୁ ପରିଚାଳନା କରିବା ଦାୟିତ୍ୱ ପ୍ରଶାସନର। ମାତ୍ର କରୋନା ଭଳି ସ୍ଥିତି ପ୍ରଶାସନର ଦାୟିତ୍ୱହୀନତା କରିଥିବାରୁ ସେନେଇ ପ୍ରଶ୍ନ ଉଠୁଛି। ଏ ନେଇ କାର୍ଡଧାରୀ ଏନ୍ ଲକ୍ଷ୍ମୀ ରେଡ୍ଡି କହିଛନ୍ତି, ରାଶନ ଚାଉଳ ନ ଥିବା ହେତୁ ୩୦ ଟଙ୍କା ଦେଇ ଚାଉଳ କିଣିବାକୁ ପଡୁଛି। ଆମମାନଙ୍କ ତରଫରୁ ଡିଲର ପରିବର୍ତ୍ତନ ନେଇ କୌଣସି ଅଭିଯୋଗ କରାଯାଇ ନ ଥିଲେ ମଧ୍ୟ ଆମକୁ କାହିଁକି ରାଶନ ମିଳିନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର କହିଛନ୍ତି, ସମ୍ପୃକ୍ତ ୱାର୍ଡର ଖୁଚୁରା ବିକ୍ରିୟ କେନ୍ଦ୍ରର ଲାଇସେନ୍ସକୁ ଉପଜିଲାପାଳ କୌଣସି କାରଣରୁ ରଦ୍ଦ କରିଛନ୍ତି। ଫଳରେ ସମ୍ପୃକ୍ତ ଡିଲର ଅନ୍ତର୍ଗତ ରାଶନ କାର୍ଡଧାରୀଙ୍କୁ ରାଶନ ମିଳିବାରେ ସମସ୍ୟା ହୋଇଛି। ତେବେ ଆସନ୍ତା ୩ ଦିନ ମଧ୍ୟରେ ରାଶନ ଦେବା ନେଇ କାର୍ଡଧାରୀଙ୍କୁ ସେ ପ୍ରତିଶ୍ରୁତି ଦେଇଥିବା ଅଭିଯୋଗକାରୀମାନେ କହିଛନ୍ତି। ସୂଚନା ଅନୁଯାୟୀ, ଉପଜିଲାପାଳ ସମ୍ପୃକ୍ତ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେଇଥିଲେ। ପରେ ତାଙ୍କ ଲାଇସେନ୍ସ ରଦ୍ଦ ହୋଇଛି। ତେବେ ରାଶନ କାର୍ଡଧାରୀମାନଙ୍କୁ ରାଶନ ଦେବା ପାଇଁ ୧୨ ଜଣ ଡିଲରଙ୍କୁ କୁହାଯାଇଥିଲା। ତେବେ ସମସ୍ତଙ୍କୁ ଅନଲାଇନ ପ୍ରକ୍ରିୟାରେ ରାଶନ ମିଳୁଥିବା ବେଳେ ଉକ୍ତ କାର୍ଡଧାରୀଙ୍କୁ ଅଫଲାଇନ୍ ପ୍ରକ୍ରିୟାକରଣ ରାଶନ ଦେବା ନେଇ ଡିଲରମାନେ ବାଧ କରିଥିଲେ। ଫଳରେ ରାଶନ ବଣ୍ଟନରେ ସମସ୍ୟା ହୋଇଛି ଓ ଲୋକେ ରାଶନ ପାଇ ପାରିନାହାନ୍ତି। ଏ ନେଇ ଉପଜିଲାପାଳ ଭବତାରଣ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଏନେଇ ସୂଚନା ଅଧିକାରୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ରାଶନ ବଣ୍ଟନ ଏକ ଅତ୍ୟାବଶ୍ୟକ ଶ୍ରେଣୀରେ ଆସୁଥିବା ବ୍ୟବସ୍ଥା। ଏହା ନ ମିଳିବା ନିହାତି ପକ୍ଷେ ଦୁର୍ଭାଗ୍ୟଜନକ। ପ୍ରଶାସନ ଏ ନେଇ କୈଫିୟତ ଦେବା କଥା।



ରାଶନ କାର୍ଡଧାରୀ ଜିଲାଯୋଗାଣ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ।



ପୁରୀ କୁଣ୍ଢେଇ ମେଣ୍ଟ ସାହିରୁ ଆସିଥିବା ରାବଣ ସୀତା ଚୋରି ନୀତି ସମ୍ପନ୍ନ କରୁଛନ୍ତି ।

## ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ

ପୁରୀ ଅଫିସ- ପୁରୀ ଅବକାରୀ ବିଭାଗ ପକ୍ଷରୁ ପୁରୀ ସଦର ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ନିଶାଦ୍ରବ୍ୟ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ କାଶିହରିପୁର ଗ୍ରାମର ଗଣେଶ ରାଉତ । ଅବକାରୀ ବିଭାଗ ପୁରୀ ସଦର ଅଞ୍ଚଳରେ ନିଶା କାରବାର ହେଉଥିବା ଖବର ପାଇ ଅବକାରୀ ବିଭାଗର ଏସଆଇ ଲକ୍ଷ୍ମୀଧର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ କାଶିହରିପୁର ଗ୍ରାମରେ ଚଢ଼ାଉ କରି ଗଣେଶଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୦ ଲିଟର ଦେଶୀମଦ ଜବତ କରିଛି ।

## ସଂକ୍ଷେପରେ

### ତହସିଲଦାରଙ୍କଠାରୁ ମୋରମ ଗାଡ଼ି ଛଡ଼ାଇନେଲେ ଦୁର୍ବୃତ୍ତ

**ଖୋର୍ଦ୍ଧା ଅଫିସ,୨୬।୪:** ଖୋର୍ଦ୍ଧାରେ ବେଆଇନ ଭାବେ ଦିନକୁ ଦିନ ମାଙ୍କଡା ପଥର ଏବଂ ମୋରମ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। କୋଭିଡ୍ ନିୟନ୍ତ୍ରଣ ଲାଗି ପ୍ରଶାସନ ଏବଂ ପୋଲିସ ବ୍ୟସ୍ତ ରହିଛନ୍ତି। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ବେଆଇନ ଭାବେ ଖଣି ଖାଦାନ, କାଜୁ ଜଙ୍ଗଲରୁ ପଥର ଓ ମୋରମ ଚାଲାଣ କରୁଛନ୍ତି। ଖୋର୍ଦ୍ଧାରୁ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ଏନେଇ ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ ଚଢ଼ାଉ ଜାରି ରହିଛି। ସୋମବାର ପୂର୍ବାହ୍ନରେ ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ ଗୁଡ୍ଡୁମ ପଟୁ ଏକ ଚୋରା ମୋରମ ବୋଝେଇ ଗାଡିକୁ ଜବତ କରି ଖୋର୍ଦ୍ଧା ଆଣୁଥିଲେ। ପାନବରଜ ନିକଟରେ ୨ଜଣ ଦୁର୍ବୃତ୍ତ ତହସିଲଦାରଙ୍କ ଗାଡିକୁ ଅଟକାଇବା ସହ ଯୁକ୍ତିତର୍କ କରିଥିଲେ। ପରେ ଦୁର୍ବୃତ୍ତମାନେ ମୋରମ ଗାଡି ଛଡ଼ାଇ ନେଇ ପଳାଇ ଯାଇଥିଲେ। ଏନେଇ ତହସିଲଦାର ସାହୁ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

### ନଦୀରେ ବୁଡ଼ି ଛାତ୍ର ମୃତ

**ନିମାପଡ଼ା,୨୬।୪(ଡି.ଏନ୍.ଏ.):** ପ୍ରାଚୀ ନଦୀରେ ବୁଡ଼ି ସୋମବାର ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମାପଡ଼ା ଚାରିଛକ ଫାଣ୍ଡି ଅଧୀନ ହୀରାପାଟଣା ଗ୍ରାମର ଅନବ ଦାଶ। ସୂଚନା ମୁତାବକ, ମଧ୍ୟାହ୍ନରେ ଅନବ ସାଙ୍ଗମାନଙ୍କ ସହ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ଅନବ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ଡାକ ପକାଇବାରୁ ଗ୍ରାମବାସୀ ପହଞ୍ଚି ଅନବଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ବଡ଼ବାପା ବିରଞ୍ଚି ନାରାୟଣ ଦାଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୯/୨୧) ରୁଜୁକରି ତଦନ୍ତ ଚଳାଇଛି।

### ଚୋରି କରି ଯୁବକ ଗିରଫ

**ଯାଁଳା,୨୬।୪(ଡି.ଏନ୍.ଏ.):** ଘରେ ପଶି ଚୋରି କରିବା ଅଭିଯୋଗରେ ଯାଁଳା ଫାଣ୍ଡି ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଯାଁଳା ମଠସାହିର ଘନଶ୍ୟାମ ସ୍ୱାଇଁ। ତାଙ୍କ ନିକଟରୁ ୧୫ ଖଣ୍ଡ ଲୁହା ପାଇପ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ଓଗାଳପଡ଼ାସ୍ଥିତ ସରୋଜ କୁମାର ପରିଡ଼ାଙ୍କ ଘରୁ ଘନଶ୍ୟାମ ୧୫ଖଣ୍ଡ ଲୁହା ଜିଆଇ ପାଇପ୍ ଓ ପାଣି ମୋଟର ଚୋରି କରିଥିଲେ। ଏହି ଚୋରି ସାମଗ୍ରୀ ଅଟୋରେ ନେବା ସମୟରେ ସରୋଜଙ୍କ ନିଦ ଭାଙ୍ଗିଯାଇଥିଲା।ସେ ଉଠି ପାଟି କରିବାରୁ ଘନଶ୍ୟାମ ସେଠାରୁ ଅଟୋ ନେଇ ଫେରାର ହୋଇଯାଇଥିଲେ। ଏନେଇ ସରୋଜଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଘନଶ୍ୟାମଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୮ରୁ ଉର୍ଦ୍ଧ୍ୱ ମାମଲା ରହିଛି।

### ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନରେ ଚେକିଂ କଡ଼ାକଡ଼ି

**ଜଟଣୀ,୨୬।୪(ଡି.ଏନ୍.ଏ.):** ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସଂକ୍ରମଣ ରୋକିବା ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମାସ୍କ ଚେକିଂ ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନ(ଜଟଣୀ)ର ପ୍ରବେଶ ଏବଂ ପ୍ରସ୍ଥାନ ପଥରେ ସମସ୍ତ ଯାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି। ମାସ୍କ ପିନ୍ଧିବା, ସାବୁନରେ ହାତ ଧୋଇବା, ସାନିଟାଇଜ୍ କରିବା ଏବଂ ସାମାଜିକ ଦୂରତ୍ୱ ରକ୍ଷା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ଯାତ୍ରୀଙ୍କୁ ସୂଚନା ପ୍ରଦାନ କରାଯାଉଛି। କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କୁ ତାଗିଦ୍ କରାଯିବା ସହ ସଚେତନ କରାଯାଉଛି। ଅନ୍ୟପକ୍ଷେ ଷ୍ଟେଶନ ପରିସରରେ ସାମାଜିକ ଦୂରତ୍ୱ ରହୁ ନ ଥିବା ଦେଖିବାକୁ ମିଳିଛି।

### ଶିକ୍ଷାବିତ୍‌ଙ୍କ ପରଲୋକ

**ନିରାକାରପୁର,୨୬।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଏକାଡେମୀର ଅବସରପ୍ରାପ୍ତ ଶିକ୍ଷକ ହାଡିବନ୍ଧୁ ସାହୁ (୮୧)ଙ୍କ ସୋମବାର ପରଲୋକ ଘଟିଛି। ଛାତ୍ର ବତ୍ସଳ, ମେଳାପି ଗୁଣ ଲାଗି ସେ ସମସ୍ତଙ୍କ ପାଖରେ ପ୍ରିୟଭାଜନ ହୋଇପାରିଥିଲେ। ଜନ୍ମମାଟି ପୁରୀ ଜିଲା କଣାସ ବ୍ଲକ ଦିବ୍ୟସିଂହପୁର ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ ମଝିଆ ପୁଅ ପ୍ରଦୀପ କୁମାର ସାହୁ ମୁଖାଗ୍ନି ଦେଇଥିଲେ।

# ଚିଲିକା ନୂଆପଡ଼ା ଜଙ୍ଗଲରେ ନିଆଁ

**କୃଷ୍ଣପ୍ରସାଦ,୨୬।୪(ଡି.ଏନ୍.ଏ.)**

- ୩ ଏକର ଜଳିଗଲା
- କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ସନ୍ଦେହ
- ବନବିଭାଗ ଦୃଷ୍ଟି ଦେବାକୁ ଦାବି

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡା ଗ୍ରାମ୍ୟ ଜଙ୍ଗଲରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ୩ ଏକର ପରିମିତ ଅଞ୍ଚଳରେ ଥିବା ବହୁ ଗଛଲତା ପୋଡ଼ିଯାଇଛି। ଖବରପାଇ ମାଲୁଦ ଅଗ୍ନିଶମ ବିଭାଗ ଅଧିକାରୀ ସୌମ୍ୟ ରଞ୍ଜନ ପରିଡ଼ା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଜଙ୍ଗଲରେ କାଜୁ, ଝାଉଁ, କିଆ ଆଦି ଗଛ ରହିଥିବା ବେଳେ ଏକ ବଡ ଧରଣର ଅଗ୍ନିକାଣ୍ଡରୁ ରକ୍ଷା ପାଇଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ କୌଣସି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ଅନୁମାନ କରାଯାଉଛି। ଏହି ଜଙ୍ଗଲରେ ବହୁ ମୂଲ୍ୟବାନ ଗଛ ରହିଥିବା ବେଳେ ଏକ ବଡ଼ ଧରଣର ଅଗ୍ନିକାଣ୍ଡରୁ ରକ୍ଷା ପାଇଯାଇଛି। ସେହିପରି ରବିବାର ଏହି ବ୍ଲକର ତିତିପ ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗି ପ୍ରାୟ ୧ ଏକର ପରିମିତ ଅଞ୍ଚଳରେ ଥିବା କାଜୁ, ତାଳ ଗଛ ପୋଡି ଯାଇଥିଲା। ମାଲୁଦ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦିନକୁ ଦିନ ଗ୍ରୀଷ୍ମପ୍ରବାହ ଅସହ୍ୟ ହେଉଥିବାବେଳେ ଜଙ୍ଗଲରେ ନିଆଁ ଲାଗିବା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

# କୋଭିଡ୍ ଚିନ୍ତା ବଢ଼ାଉଛନ୍ତି ଅମାନିଆ

**ଖୋର୍ଦ୍ଧା ଅଫିସ,୨୬।୪**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ସଂକ୍ରମଣ ରୋକିବା ଲାଗି ସରକାର ନାଇଟ କର୍ଫ୍ୟୁ, ସପ୍ତାହାନ୍ତ ଶନି ଓ ରବିବାର ଶଟ୍‌ଡାଉନ, ମାସ୍କ ପରିଧାନ, ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଉଛନ୍ତି। କୋଭିଡ୍ ନିୟମ ପାଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ସତ୍ତ୍ୱେ କେତେଜଣ ଅମାନିଆ ଏହାକୁ ମାନିବାକୁ ନାରାଜ। ବିନା ମାସ୍କରେ ବୁଲିବା ସହ ଦୋକାନରେ ସାମଗ୍ରୀ କିଣିବା ବେଳେ ସାମାଜିକ ଦୂରତା ରକ୍ଷା କରୁନାହାନ୍ତି। କେବଳ ଜରିମାନାରୁ ବର୍ତ୍ତିବା ପାଇଁ ମାସ୍କକୁ କାନରେ ଝୁଲାଇ ଯାତାୟାତ କରୁଥିବା ଖୋର୍ଦ୍ଧା ସହରରେ ଦେଖିବାକୁ ମିଳିଛି। ଦୁଇଦିନ ଶଟ୍‌ଡାଉନ ପରେ ସୋମବାର ଖୋର୍ଦ୍ଧା ସହର ସ୍ୱାଭାବିକ ହୋଇଥିଲା। ସକାଳ ୭ଟା ପରେ ରାତି ୮ଟା ପର୍ଯ୍ୟନ୍ତ ସହରର ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ ଛକ, ମାରୱାଡି ପଟି, ସମବାୟ ଛକ, କୋର୍ଟ ଛକ, ନୂଆବସ୍‌ଷ୍ଟାଣ୍ଡ ଛକ ଦୋକାନଗୁଡ଼ିକରେ ଲୋକଙ୍କ ଭିଡ଼ ଜମିଥିଲା। କେଉଁଠି ବି କୋଭିଡ୍‌କୁ ନେଇ ସଚେତନ ରହିଥିବା ପରି ଦେଖିବାକୁ ମିଳିନି ଥିଲା। ବରିଷ୍ଠ ବୁଦ୍ଧିଜୀବୀ ପ୍ରଭାତ ମିଶ୍ର କହିଛନ୍ତି, କୋଭିଡ୍‌ର ଦ୍ୱିତୀୟ ଲହରରେ ସଂକ୍ରମଣ ବଢୁଛି। ସଚେତନତା ହିଁ ଏହାର ଏକମାତ୍ର ମାଧ୍ୟମ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ବାରମ୍ବାର କହୁଛନ୍ତି। ତଥାପି କେତେଜଣ ଅମାନିଆ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ସଂକ୍ରମଣ ନିୟନ୍ତ୍ରଣ ନେଇ ସମସ୍ତଙ୍କ ଦାୟିତ୍ୱ ରହିଛି।

**ସମୀକ୍ଷା କରୁଛି ସିଏମ୍‌ସି, ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛି ଆର୍‌ଆର୍‌ଟି ଟିମ୍**

ଜିଲାପାଳ ସନତ ମହାନ୍ତି କହିଛନ୍ତି ଯେ, ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ସଂକ୍ରମଣ ରୋକିବା ପାଇଁ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲାର ସମସ୍ତ ସହର, ବ୍ଲକ, ପଞ୍ଚାୟତ ସ୍ତରରେ କୋଭିଡ୍ ପରିଚାଳନା କମିଟି(ସିଏମ୍‌ସି)ର ବୈଠକ ଆୟୋଜନ କରାଯାଇ କୋଭିଡ୍ ସମୀକ୍ଷା କରାଯାଉଛି। ଆର୍‌ଆର୍‌ଟି ଟିମ୍ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କୁ ମେଡିସିନ କିଟ୍ ଦେବା ସହ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଛନ୍ତି। ପ୍ରତି ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜରିଆରେ ଭର୍ଚୁଆଲରେ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ସହ ଆଲୋଚନା କରାଯାଉଛି। ସେମାନଙ୍କ ସମସ୍ୟା ତ୍ୱରିତ ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉଛି। ପ୍ରବାସୀଙ୍କ ଉପରେ କଡ଼ା ନଜର ରହିଛି। କୋଭିଡ୍ ଟେଷ୍ଟ ଏବଂ ଟିକାକରଣକୁ ତ୍ୱରାନ୍ୱିତ କରାଯାଇଛି। ମେ’ ୧ରୁ ୧୮ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କ ଟିକାକରଣ ଆରମ୍ଭ ହେବ। ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଖୁବ୍‌ଶୀଘ୍ର ଝାମୁଝରୀ ଓ କୁଦିଆରୀରେ କୋଭିଡ୍ କେୟାର ସେଣ୍ଟର ଖୋଲିବା ବ୍ୟବସ୍ଥା ରହିଛି।




### ଜୁଏଲେରି ଦୋକାନ ସିଲ୍

ଖୋର୍ଦ୍ଧା ଜିଲାରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ସଂକ୍ରମଣ ରୋକିବା ଲାଗି କୋଭିଡ୍ କଟକଣାକୁ କଡ଼ାକଡ଼ି କରାଯାଇଛି। ସୋମବାର କୋଭଡ୍ ନିୟମ ଉଲ୍ଲଂଘନ ନେଇ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଏକ ଜୁଏଲେରି ଶପ୍‌କୁ ସିଲ୍ କରାଯାଇଛି। କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୯୪ ସଂକ୍ରମିତ

**ଖୋର୍ଦ୍ଧା ଅଫିସ,୨୬।୪**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସୋମବାର ୯୪ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଫଳରେ ଗ୍ରାମାଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪,୨୭୭ରେ ପହଞ୍ଚିଛି। ସେଥିରୁ ୧୩,୬୯୭ଜଣ ସୁସ୍ଥ ହୋଇଥିବା ବେଳେ ୫୭ଜଣଙ୍କ ମୃତ୍ୟୁ ଘଟିଛି। ୫୨୩ଜଣ ସକ୍ରିୟ ରହିଛନ୍ତି। ସୋମବାର ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୯, ବାଲିପାଟଣା ୫, ଭୁବନେଶ୍ୱର ବ୍ଲକ ୪, ଜଟଣୀ ଓ ଖୋର୍ଦ୍ଧାର ସର୍ବାଧିକ ୨୧ଜଣ ଲେଖାଏ ରହିଥିବା ବେଳେ ବେଗୁନିଆରୁ ୫, ବୋଲଗଡରୁ ଜଣେ, ଟାଙ୍ଗୀ, ଚିଲିକା ଓ ବାଣପୁର ବ୍ଲକର ୭ଜଣ ଲେଖାଏ ରହିଛନ୍ତି। ଅନ୍ୟ ଜିଲାରୁ ୬ ଓ ବିଏମ୍‌ସିରୁ ଆସି ଏଠାରେ ଜଣେ ସଂକ୍ରମିତ ହୋଇଛନ୍ତି। ସୋମବାର ଜିଲାରେ ୮୪୦ଜଣଙ୍କ କୋଭିଡ୍‌ଟେଷ୍ଟ କରାଯାଇଛି।

### ବଟି ମାଗି ଯୁବକ ଗିରଫ

**ପୁରୀ ଅଫିସ, ୨୬।୪**

ପୁରୀ କୁମ୍ଭାରପଡ଼ା ପୋଲିସ ବଟି ମାଗିବା ଅଭିଯୋଗରେ ସୋମବାର ଜଣେ ଯୁବକକୁ ଗିରଫ କରିଛି। ସେ ହେଲେ ନରେନ୍ଦ୍ରକୋଣ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ନାୟକ। ତାଙ୍କ ଠାରୁ ୨୦୦ ଟଙ୍କା ଜବତ ହୋଇଛି । ଏ ନେଇ ଥାନାରେ (ନଂ.୧୩୬/୨୧) ମାମଲା ରୁଜୁ ହୋଇଛି। ଲକ୍ଷ୍ମୀ ପରିବା ମାର୍କେଟରେ ଜଣେ ଯୁବକ ବଟି ମାଗୁଥିବା ଖବରପାଇ ପୋଲିସ ପହଞ୍ଚି ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା।

# ଆରମ୍ଭ ହେଉନି ଗୃହ ନିର୍ମାଣ କାର୍ଯ୍ୟ

**ଗୋପ,୨୬।୪(ଡି.ଏନ.ଏ.)**

**ଆଶାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ**

ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ଦ୍ୱାରା ଗୋପ ବ୍ଲକ ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବେ ଆଶା ଆଶଙ୍କାରେ ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ୨ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ଗୃହ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ସୂଚନାଯୋଗ୍ୟ, ଏହି ବ୍ଲକର ଏରବଙ୍ଗ ପଞ୍ଚାୟତ ଅନ୍ତର୍ଗତ ତରଙ୍ଗିରା ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଫେବୃୟାରୀ ୨୭ରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କରିଥିଲେ। ସ୍ଥାପନ ସମୟରେ ମନ୍ତ୍ରୀ ଦାଶ ୧୦ ଏକର ପରିମିତ ଜମିରେ ଏହି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ହେବ ବୋଲି କହିଥିଲେ। ଗୃହ ନିର୍ମାଣ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆଦର୍ଶ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ଲାଗି ସମସ୍ତ କାର୍ଯ୍ୟ ହୋଇଛି। କାର୍ଯ୍ୟ ନେଇ ଥିବା ଠିକାଦାର ମଧ୍ୟ ଗୋଟିଏ ସପ୍ତାହ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ଭିତ୍ତିପ୍ରସ୍ତରକୁ ୨ ମାସ ପୂରିବାକୁ ବସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୃହ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଅପରପକ୍ଷେ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ ପ୍ରାୟ ୮ କୋଟି ଟଙ୍କାରେ ନିର୍ମାଣ ଦାୟିତ୍ୱକୁ ନେଇ ବିବାଦ ଦେଖାଯିବାରୁ କାର୍ଯ୍ୟ ବିଳମ୍ବ ହେଉଥିବା ଅଭିଯୋଗ ରହିଛି। ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କ ନିର୍ଦ୍ଦେଶରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ସେକ୍ସନ ବିଭାଗ ଯନ୍ତ୍ରୀକୁ ଏହି ଦାୟିତ୍ୱ ଦିଆଯାଇଥିବାରୁ ଏହି ବିବାଦ ଆରମ୍ଭ ହୋଇଥିବା କୁହାଯାଇଛି। କୋଟି କୋଟି ଟଙ୍କାର କାର୍ଯ୍ୟକୁ ନେଇ କ’ଣ ଲାଗି ଏପରି ଯନ୍ତ୍ରୀ ପରିବର୍ତ୍ତନ କରାଯାଇଛି ତାହାକୁ ନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏ ନେଇ ମନ୍ତ୍ରୀ ଦାଶ କହିଛନ୍ତି, ବିଳମ୍ବ ହେବା ନେଇ ଖୁବଶୀଘ୍ର ତଦନ୍ତ କରାଯିବ। ସେହିଭଳି କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହ ଯନ୍ତ୍ରୀ ଚିନ୍ତାମଣି ସେଠୀଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।

# ପାଣି ପାଇଁ ଲୋକେ ହନ୍ତସନ୍ତ

**ଯାଁଳା,୨୬।୪(ଡି.ଏନ୍.ଏ.)**

**ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

ଗତ କିଛିଦିନ ଧରି ପ୍ରଚଣ୍ଡ ତାତି ଯୋଗୁ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଗଙ୍ଗପଡ଼ା ପଞ୍ଚାୟତ ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଫଳରେ ଲୋକେ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ଗ୍ରାମରେ ନଳକୂପ ଅଚଳ ହୋଇପଡ଼ିଥିଲେ ମଧ୍ୟ ମରାମତି କରାଯାଉ ନାହିଁ। ପାଇପ୍ ଜଳ ବ୍ୟବସ୍ଥା ଥାଇ ମଧ୍ୟ ଆବଶ୍ୟକତା ମେଣ୍ଟାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ତତ୍ପରତା ଦେଖାଯାଉ ନ ଥିବାରୁ ଆଗକୁ ସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି। ପାଇପ୍ ଯୋଗେ ତୁରନ୍ତ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବାକୁ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି ହେଉଛି।

ସୂଚନା ମୁତାବକ, ଗଙ୍ଗପଡା ପଞ୍ଚାୟତରେ ୨୦୦୭-୦୮ ମସିହାରେ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ହୋଇଥିଲା। ପଞ୍ଚାୟତର ମଝିସାହି ଓ ଗଡ଼ସାହିକୁ ଜଳଯୋଗାଣ ପାଇଁ ପାଇପ୍ ବିଛା ଯାଇଛି। ଗ୍ରାମରେ ଟ୍ୟାପ ଲଗାଯାଇଥିଲେ ମଧ୍ୟ ସ୍ଥାନୀୟ ବାସିନ୍ଦାଙ୍କୁ ଆବଶ୍ୟକ ମୁତାବକ ପାଣି ମିଳୁନାହିଁ। ଅନ୍ୟପଟେ ଖରା ଯୋଗୁ ଗ୍ରାମରେ ରହିଥିବା ପୋଖରୀ ଓ କୂଅ ଶୁଖିଗଲାଣି। ନଳକୂପଗୁଡ଼ିକ ଠିକ୍‌ରେ କାର୍ଯ୍ୟ କରୁନାହିଁ। ଫଳରେ ସ୍ୱଚ୍ଛ ପାନୀୟ ଜଳ ପାଇଁ ସ୍ଥାନୀୟ ବାସିନ୍ଦା ହଇରାଣ ହେଉଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। କେବଳ ପ୍ରତିଶ୍ରୁତି ମିଳୁଛି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ବାସିନ୍ଦା ହୃଦାଂଶୁ କୁମାର କର କହିଛନ୍ତି, ବୋରୱେଲ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ସରକାରଙ୍କ ବିଭିନ୍ନ ଯୋଜନା ଥାଇ ମଧ୍ୟ ଗ୍ରାମବାସୀ ସ୍ୱଚ୍ଛ ପିଇବା ପାଣି ନ ପାଇ ହଇରାଣ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ କହିଛନ୍ତି। ସେହିପରି ଆଶାକର୍ମୀ କାମିନୀ ଦାଶ କହିଛନ୍ତି, ପାଇପ୍‌ରେ ପିଇବା ପାଣି ଆସୁନାହିଁ। ଖରାଦିନେ କୂଅ ଶୁଖିଯାଉଛି। ପାଣି ମୁନ୍ଦେ ପାଇଁ ହଇରାଣ ହେଉଛୁ। ସବୁ ଦିନେ କିପରି ସ୍ୱଚ୍ଛ ପିଇବା ପାଣି ପାଇବୁ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ।



ପାଣିପାଇଁ ମହିଳାମାନେ ଧାଡ଼ିରେ ଠିଆ ହୋଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସମୀର



@ ଲକ୍ଷ୍ମୀକାନ୍ତ



@ ରାକେଶ



@ ସୁଜିତ୍



@ ଟିଣ୍ଟୁ



@ ଉର୍ବଶୀ




@ ତୁଷାର

# ଟିକା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଠେଲାପେଲା

**ବାଲୁଗାଁ,୨୬।୪(ଡି.ଏନ୍.ଏ.)**

କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାର ଜନସାଧାରଣଙ୍କୁ ପର୍ଯ୍ୟାୟକ୍ରମେ ଟିକାକରଣର ବ୍ୟବସ୍ଥା କରିଛନ୍ତି। ଏହି କ୍ରମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତ୍ୟେକ ମୁଖ୍ୟ ଡାକ୍ତରଖାନାରେ ନାମ ପଞ୍ଜୀକରଣ କରାଯାଇ ଏହି ଟିକାକରଣ କାର୍ଯ୍ୟ ଜାରି ରହିଛି। ସପ୍ତାହାନ୍ତ ଶଟ୍‌ଡାଉନ ପାଇଁ ଶନିବାର, ରବିବାର ଟିକାକରଣ ବନ୍ଦ ରହିଥିବା ବେଳେ ସୋମବାର ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକା ନେବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଲୋକଙ୍କ ମଧ୍ୟରେ ଠେଲାପେଲା ସହ କୋଭିଡ୍ କଟକଣା ଉଲ୍ଲଂଘନ ହୋଇଥିବା ଦେଖିବାକୁ ମିଳିଛି। ସାମାଜିକ ଦୂରତ୍ୱ ରହି ନ ଥିବା ବେଳେ ରେଜିଷ୍ଟ୍ରେଶନକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେଠାରେ ଉପସ୍ଥିତ ପୋଲିସ ମଧ୍ୟ ଭିଡ଼ ନିୟନ୍ତ୍ରଣ କରିପାରି ନ ଥିଲେ। ପଞ୍ଜୀକୃତ ଅନୁଯାୟୀ ଲୋକଙ୍କୁ ଟିକା ମିଳିବା ବ୍ୟବସ୍ଥା ହୋଇପାରି ନ ଥିଲା। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୌମ୍ୟକାନ୍ତ ଦାସ ପଟ୍ଟନାୟକ କହିଛନ୍ତି, ଦୈନିକ ଯେତିକି ପରିମାଣର ଟିକା ଡାକ୍ତରଖାନାକୁ ଆସୁଛି ସେ ସମ୍ପର୍କରେ ନାମ ପଞ୍ଜୀକରଣ ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ଅବଗତ କରାଯାଉଛି। ସୋମବାର ୧୦୦ ଲୋକଙ୍କୁ ହିଁ ଟିକା ଦିଆଯିବ ବୋଲି ଡାକବାଜି ଯନ୍ତ୍ରରେ ଅବଗତ କରାଯାଇଥିଲା। ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଲୋକେ ଭିଡ଼ ଜମାଇବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆଗାମୀ ଦିନରେ ଟୋକନ ମାଧ୍ୟମରେ ପଞ୍ଜୀକୃତ ବ୍ୟକ୍ତିଙ୍କୁ ଟିକାକରଣ କରାଯିବ ବୋଲି ସେ କହିଛନ୍ତି।



ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ଗହଳି।